୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27. No.216 Bhubaneswar Monday October 13, 2025 | ୨୭ତମ ବର୍ଷ ସଂଖ୍ୟା-୨୧୬ ଭୁବନେଶ୍ୱର ସୋମବାର, ଅକ୍ଟୋବର ୧୩, ୨୦୨୫ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## 'ଓଡ଼ିଶା ରନ ଫର୍ ହର' ମାରାଥନ୍ ମହାନ ଶୈଳୀରେ ମହିଳା ସଶକ୍ତିକରଣ ଏବଂ ସୁରକ୍ଷାକୁ ପ୍ରୋତ୍ସାହିତ କରୁଛି





ଭୁବନେଶ୍ୱର,(ପି.ଏନ): ରବିବାର ସକାଳେ ମାଷ୍ଟର କ୍ୟାଣ୍ଟିନ୍ ସ୍କ?ୟାର ଏବଂ ଲୋୟର ପିଏମଜିରେ 'ଓଡ଼ିଶା ରନ ଫର୍ ହର' ମାରାଥନ୍ ମହାରଥରେ ଅନୁଷ୍ଠିତ ହେବା ସହିତ ରାଜଧାନୀ ସହର ମହିଳା ସଶକ୍ତିକରଣ ଏବଂ ସୁରକ୍ଷାର ଏକ ପ୍ରେରଣାଦାୟକ ଉତ୍ସବ ଦେଖିପାରିଲା।

ଏହି କାର୍ଯ୍ୟକ୍ରମକୁ ଅଲିମ୍ପିଆନ୍ ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଉଦଘାଟନ କରିଥିଲେ, ଯାହା ଦିନ ପାଇଁ ଏକ ଉତ୍ସାହଜନକ ସ୍ୱର ସୃଷ୍ଟି କରିଥିଲା। ଯାଜପୁର ଲୋକସଭା ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, ଡକ୍ଟର ପବିତ୍ର ମୋହନ ସାମନ୍ତରାୟ, ରାଷ୍ଟ୍ରୀୟ ପତ୍ରକାର ମହାସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ, ଜାତୀୟ ଗଣମାଧ୍ୟମ କନଫେଡେରେସନ, ଇଣ୍ଡିଆନ୍ ଫେଡେରେସନ ଅଫ୍ ସ୍ମଲ୍ ଆଣ୍ଡ୍ ମିଡିୟମ୍ ନ୍ୟୁଜପେପର୍ (ନୂଆଦିଲ୍ଲୀ) ଏବଂ ପର୍ଯ୍ୟବେକ୍ଷକ ଏବଂ ଦି କଳିଙ୍ଗ କ୍ରୋନିକଲର ମୁଖ୍ୟ ସମ୍ପାଦକ, ମୁଖ୍ୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଭୁବନେଶ୍ୱର ମେୟର ସୁଲୋଚନା ଦାସ, କ୍ୟାପ୍ଟେନ ମନ୍ମଥ ରାଉତରାୟ, ପୂର୍ବତନ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପରିଚୟ ଫାଉଣ୍ଡେସନ ଅଧ୍ୟକ୍ଷା ରୋଜାଲିନ୍ ପାଟାସାନୀ, ବିଜେପି ନେତା ଜଗନ୍ନାଥ ପ୍ରଧାନ, ଇତିଶା ଫାଉଣ୍ଡେସନ ଅଧ୍ୟକ୍ଷା ଇତିଶ୍ରୀ ମିଶ୍ର, ସହ-ପ୍ରତିଷ୍ଠାତା ଶାସ୍ତ୍ରୀ ପ୍ରଧାନ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।ଇତିଶା ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି ମାରାଥନରେ ମହିଳା ସୁରକ୍ଷା ଏବଂ ସଶକ୍ତିକରଣ ଉଦ୍ଦେଶ୍ୟରେ ଏକଜୁଟ ହୋଇଥିବା ବୟସ ବର୍ଗର ଲୋକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ବିଭିନ୍ନ କ୍ଷେତ୍ରର କୃତିତ୍ୱ ହାସଲକାରୀଙ୍କୁ ସମ୍ମାନିତ କରି ଏକ ସମ୍ବର୍ଦ୍ଧନା ସମାରୋହ ମଧ୍ୟ କରାଯାଇଥିଲା। ଅଂଶଗ୍ରହଣକାରୀ ଏବଂ ଉପସ୍ଥିତ ଲୋକମାନେ ଲିଙ୍ଗଗତ ସମାନତା ଏବଂ ସାମାଜିକ ସଚେତନତାକୁ ପ୍ରୋତ୍ସାହିତ କରୁଥିବା ଏପରି ଏକ ଅର୍ଥପୂର୍ଣ୍ଣ ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ଟିମ୍ ଇତିଶା ଫାଉଣ୍ଡେସନର ପ୍ରୟାସକୁ ବ୍ୟାପକ ଭାବରେ ପ୍ରଶଂସା କରିଥିଲେ।

## ଐତିହାସିକ ସୂଚନା ଅଧିକାର ଆଇନକୁ ପଙ୍ଗୁ କରିଛି ମୋଦୀ ସରକାର: ଭକ୍ତ

ଭୁବନେଶ୍ୱର, (ପି.ଏନ): ସୂଚନା ଅଧିକାର ଆଇନ ବଳରେ ଗରିବରୁ ଗରିବ ମଧ୍ୟ ଅପିଲ କରି ନ୍ୟାୟ ପାଇପାରିବ ଏବଂ ଏହା ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ସହାୟକ ହେବ। ୟୁପିଏ ସରକାରଙ୍କ ଉଦ୍ଦେଶ୍ୟ ଥିଲା କାର୍ଯ୍ୟପାଳିକା ସାଧାରଣ ଜନତାଙ୍କୁ ସୂଚନା ପ୍ରଦାନ କରିବେ। ସରକାରଙ୍କ କାର୍ଯ୍ୟପଦ୍ଧତି ସ୍ୱଚ୍ଛ ରହିବ, ସରକାରଙ୍କ ଉତ୍ତରଦାୟିତ୍ୱ ରହିବ। ସମାଜର ତଳ ସ୍ତରର ଲୋକଙ୍କୁ ନ୍ୟାୟ ମିଳିବ। କିନ୍ତୁ କେନ୍ଦ୍ର ସରକାର ଲୋକଙ୍କ ଅଧିକାର ପ୍ରତି ଅବହେଳା କରିଛନ୍ତି ବୋଲି ଆଜି କଂଗ୍ରେସ ଭବନରେ ସୂଚନା ଅଧିକାର ଆଇନର ୨୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ ପ୍ରକାଶ କରିଥିଲେ। ସେ କହିଥିଲେ, କେନ୍ଦ୍ରରେ ୟୁପିଏ ସରକାର ଅମଳରେ ମନରେଗା, ଶିକ୍ଷା ଅଧିକାର ଆଇନ୍, ଖାଦ୍ୟ ସୁରକ୍ଷା ଆଇନ ଓ ଜଙ୍ଗଲ ସମ୍ପଦ ଅଧିକାର ଆଇନ ପରି ଅନେକ ବିଧିବ୍ୟବସ୍ଥା ହୋଇଥିଲା। ଆରଟିଆଇ ବଳରେ, ପେନସନରେ ଅବହେଳା ହେଲେ ସୂଚନା ସଂଗ୍ରହ କରି ନ୍ୟାୟ ମିଳିପାରୁଥିଲା। ସେମିତି ସମସ୍ତ କ୍ଷେତ୍ରରେ ଆର.ଟି.ଆଇ ସୂଚନା ଅବହେଳା କରି ଲୋକଙ୍କ ଅଧିକାରକୁ ସରକାର ଛଡାଇ ନେଇଛନ୍ତି। ସାମାଜିକ ନ୍ୟାୟ ପ୍ରତିଷ୍ଠା ଦିଗରେ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କ ଉଦ୍ୟମ ଏବଂ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାରରେ ୨୦୦୫ ମସିହାରେ ଆର୍ ଟି ଆଇ ଆଇନ ଲାଗୁ କରିବା ଭାରତରେ ଏକ ଐତିହାସିକ ପଦକ୍ଷେପ ଥିଲା। କିନ୍ତୁ କେନ୍ଦ୍ରର ବିଜେପି ସରକାର ଗଣତନ୍ତ୍ରର ପ୍ରତ୍ୟେକ ଅଙ୍ଗକୁ କ୍ରମାଗତ ଭାବରେ କାଟିବାରେ ଲାଗିଛନ୍ତି। ଯାହା ଗଣତନ୍ତ୍ର ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି। ବରିଷ୍ଠ କଂଗ୍ରେସ ନେତା ତଥା ଖ୍ୟାତନାମା ଆଇନଜୀବୀ ଏବଂ ଆର.ଟି.ଆଇ କର୍ମୀ ସଂଗଠନର ଆଇନ ପରାମର୍ଶଦାତା ଶିବାନନ୍ଦ ରାୟ କହିଛନ୍ତି କି, ଆଜି ଆର୍ ଟି ଆଇ ଆଇନ ୨୦ ତମ ବାର୍ଷିକ ଉତ୍ସବ ପାଳନ କରୁଛି। ୧୯୭୭ ମସିହାରେ ବିଶିଷ୍ଟ ଆଇନଜୀବୀ ପାଲକିବାଲା ଏବଂ ଶାନ୍ତିଭୂଷଣ ନିର୍ବାଚନର ଦୁର୍ନୀତିକୁ ନେଇ ମାନ୍ୟବର ସୁପ୍ରିମକୋର୍ଟରେ ବିତର୍କ କରିଥିଲେ। ଯାହା ୧୯୭୫ ମସିହାରେ ଏହି ପ୍ରସଙ୍ଗ ସଂସଦରେ ଉତଥାପନ ହୋଇଥିଲା। ଶେଷରେ ୟୁପିଏ ଅଧ୍ୟକ୍ଷା ସୋନିଆ ଗାନ୍ଧିଙ୍କ ଚେଷ୍ଟାରେ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ଉଦ୍ୟମରେ ୨୦୦୫ ମସିହାରେ ଆର୍ ଟି ଆଇ ଆଇନ କାର୍ଯ୍ୟକାରୀ ହେଲା। ଆର୍ ଟି ଆଇର ମୂଳ କଥା ହେଲା ବିଧାୟକ, ସଂସଦ ବିଧାନସଭା କିମ୍ବା ସଂସଦରେ ଯେଉଁ ଉତ୍ତର ଆଣୁଥିଲେ ସାଧାରଣ ଲୋକ ମଧ୍ୟ ସେହି ତଥ୍ୟ ୧୦ ଟଙ୍କା ଡିପୋଜିଟ କରି ପାଇପାରିବ। ତେବେ ଦୁର୍ନୀତି ରୋକିବା ପାଇଁ ସାଧାରଣ ଲୋକଙ୍କ ଜାଣିବା ପାଇଁ ଯେଉଁ ଆଇନ ତିଆରି କରାଗଲା ସରକାର ଠିକ୍ ପରିଚାଳନା କରୁନାହାନ୍ତି। ସୂଚନା ଆଇନ ଅନ୍ତର୍ଗତ ୨୩ ଲକ୍ଷ କେସ ଏବଂ ୪ ଲକ୍ଷ ଅପିଲ ବିନା ଫେସଲାରେ ପଡ଼ି ରହିଛି। କେନ୍ଦ୍ରୀୟ ସୂଚନା କମିଶନ ଓଡ଼ିଶାର କମିଶନରେ ଠିକ୍ ଭାବରେ ନିଯୁକ୍ତି ମଧ୍ୟ କରୁନାହାନ୍ତି। ଓଡ଼ିଶାରେ ୨୦୦୦ ସୂଚନା କର୍ମୀ ଅଛନ୍ତି । ସେଠି ମଧ୍ୟରୁ ୯ ଜଣଙ୍କ ହତ୍ୟା ହୋଇସାରିଲାଣି। ବିଭିନ୍ନ ଦୁର୍ନୀତିର ପର୍ଦ୍ଦାଫାଶ କରିବାରୁ ତାଙ୍କୁ ହତ୍ୟା କରାଯାଇଛି। ବିଗତ ଦିନରେ ଏକ ବଡଧରଣର ଖଣି ଦୁର୍ନୀତିକୁ ନେଇ ଗୋଟିଏ ଆଇ.ଏ.ଏସ, ଆଇ.ପି.ଏସ ଓ ଆଇନଜୀବୀଙ୍କୁ ସାମିଲ କରି ଏକ କମିଟି ଗଠନ କରିଥିଲେ। ସେହି କମିଟିର ରିପୋର୍ଟ ନେଇ କାମାକ୍ଷା ପ୍ରସାଦ ସିଂହଦେଓ ଏବଂ ମୁଁ ତତ୍କାଳୀନ ଖଣି ମନ୍ତ୍ରୀ ଶିଶିରଓ୍ୱାଲାକୁ ଭେଟି ଏକ ରିପୋର୍ଟ ପ୍ରଦାନ କରିଥିଲୁ। ତାହା ପରେ ୟୁପିଏ ସରକାର ଖଣି ଦୁର୍ନୀତିକୁ ନେଇ ସାହା କମିଶନ ବସାଇଥିଲେ। ସୂଚନା କର୍ମୀ ସଂଗଠନ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ ଏହି ଆଇନ ବଳରେ ଅନେକ ଦୁର୍ନୀତିର ପର୍ଦ୍ଦାଫାଶ କରିଛନ୍ତି। କୋଭିଡ ସମୟରେ ହୋଇଥିବା ଘୋର ଦୁର୍ନୀତିର ତଥ୍ୟ ଆଜି ପର୍ଯ୍ୟନ୍ତ ଶ୍ରୀ ପ୍ରଧାନଙ୍କୁ ସରକାର ଦେଇନାହାନ୍ତି। ମାନ୍ୟବର ସୁପ୍ରିମକୋର୍ଟ ସୂଚନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ସତ୍ତ୍ୱେ କେନ୍ଦ୍ର ସରକାର ମାନୁନାହାନ୍ତି।

## ରାଜ୍ୟ ଗୋଷ୍ଠୀ ସଂସଦୀୟ ସଂଘ ସମ୍ମିଳନୀରେ ବାଚସ୍ପତି

## 'ସଂଘୀୟ ବ୍ୟବସ୍ଥାରେ କ୍ଷମତାର ବିକେନ୍ଦ୍ରୀକରଣ ଖୁବ୍ ଗୁରୁତ୍ୱପୂର୍ଣ୍ଣ': ବାଚସ୍ପତି



ଭୁବନେଶ୍ୱର,୧୨।୧୦(ପି.ଏନ): ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ଓ ରାଜ୍ୟଗୋଷ୍ଠୀ ମହିଳା ସମ୍ମିଳନୀରେ ଯୋଗଦେବା ପାଇଁ ବାର୍ବାଡୋସ୍ ଗସ୍ତରେ ଯାଇଥିବାବେଳେ ବ୍ରିଜଟାଉନ୍‌ଠାରେ 'ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ଦୀର୍ଘସ୍ଥାୟୀ ସମାଧାନର ପନ୍ଥା ନିର୍ଦ୍ଧାରଣ' ଓ 'ଜାତୀୟ ସଂସଦ ବନାମ ପ୍ରାଦେଶିକ, ଆଂଚଳିକ ଓ ବିକଶିତ ବିଧାନସଭା କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ' ଶୀର୍ଷକ ଆଲୋଚନାରେ ନିଜର ଅଭିଭାଷଣ ଉପସ୍ଥାପନ କରି କହିଲେ ଯେ ଜଳବାୟୁ ପରିବର୍ତ୍ତନ ଓ ଏହାର ଦୀର୍ଘସ୍ଥାୟୀ କୁପ୍ରଭାବ ଆଜି ସମଗ୍ର ବିଶ୍ୱ ପାଇଁ ଏକ ଆହ୍ୱାନ ଓ ବଡ଼ ଚିନ୍ତାର କାରଣ। ଏଥି ପ୍ରତି ସଚେତନ ହୋଇ ଯଦି ଏହାର ସମାଧାନର ପନ୍ଥା ନିର୍ଦ୍ଧାରଣ କରା ନଯାଏ ତେବେ ଆଗାମୀ ଦିନରେ ଆମକୁ ଏହାର ଭୟଙ୍କର ପରିଣତି ଭୋଗିବାକୁ ପଡ଼ିବ। ଅସମୟରେ ବାତ୍ୟା, ବନ୍ୟା ଓ ଗ୍ରୀଷ୍ମପ୍ରବାହ ଏବେ ସବୁଠାରେ ଦେଖିବାକୁ ମିଳୁଛି। ଏଥିରେ ପରିବେଶ ସନ୍ତୁଳନ ବିଗିଡ଼ିବା ସହ ଜନଜୀବନହାନୀ ଘଟୁଛି। ଏଭଳି ପ୍ରାକୃତିକ ବିପର୍ଯ୍ୟୟରୁ ବର୍ତ୍ତିବା ପାଇଁ ଆମକୁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ।

ଓଡ଼ିଶାରେ ୧୯୯୯ ମହାବାତ୍ୟାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜୀବନହାନୀ ହେବା ସହ ଏହାର ଦୀର୍ଘସ୍ଥାୟୀ କୁପ୍ରଭାବ ଦୀର୍ଘଦିନ ଧରି ଅନୁଭୂତ ହୋଇଥିଲା। ୨୦୧୩ ମସିହାରେ ଫାଇଲିନ୍, ୨୦୧୯ ମସିହା ଫନିର ପ୍ରଭାବକୁ ଆଗୁଆ ଆକଳନ କରି ସରକାର ସବୁପ୍ରକାର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଥିବାରୁ କ୍ଷୟକ୍ଷତି ଓ ଜନଜୀବନହାନୀକୁ ରୋକାଯାଇ ପାରିଥିଲା। ଏ କ୍ଷେତ୍ରରେ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ।

ବାଚସ୍ପତି ଶ୍ରୀମତୀ ପାଢ଼ୀ ପୁଣି କହିଥିଲେ ଯେ ଶୁଦ୍ଧବାୟୁ ସୂଚକାଙ୍କରେ ଭୁବନେଶ୍ୱର ହେଉଛି ଭାରତର ପ୍ରମୁଖ ଚତୁର୍ଥ ସହର। ଚିଲିକା ହ୍ରଦର ସୁରକ୍ଷା ଦିଗରେ ବହୁବିଧ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ରାମ୍‌ସାର କ୍ଷେତ୍ର ମଧ୍ୟରେ ସ୍ଥାନିତ ହୋଇଛି। ସେହିପରି ଶିମିଳିପାଳର ଜୈବବିବିଧତାର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦିଆଯାଉଛି। ଏହା ୟୁନେସ୍କୋ ଦ୍ୱାରା ମାନ୍ୟତା ଲାଭ କରିଛି। ଆଗାମୀ ଦିନରେ ରାଜ୍ୟଗୋଷ୍ଠୀ ରାଜ୍ୟମାନେ ଏ ଦିଗରେ ନିଶ୍ଚିତ ଭାବେ ଦୃଷ୍ଟିଦେବେ ଓ ଏକ ବୃହତ୍ତର ଲକ୍ଷ୍ୟ ନେଇ ସମ୍ମିଳିତ ଭାବେ କାର୍ଯ୍ୟ କରିବେ ବୋଲି ବାଚସ୍ପତି ପ୍ରକାଶ କରିଥିଲେ।

ସେହିପରି ଜାତୀୟ ସଂସଦ ବନାମ ପ୍ରଦେଶିକ, ଆଂଚଳିକ ଓ ବିକଶିତ ବିଧାନସଭା କ୍ଷମତା ପୃଥକୀକରଣକୁ ସୁରକ୍ଷା ଓ ସଂରକ୍ଷଣ ଉପରେ ନିଜର ମତବ୍ୟକ୍ତ କରି ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ଭାରତର ଗଣତନ୍ତ୍ର ସବୁବେଳେ କ୍ଷମତାର ବିକେନ୍ଦ୍ରୀକରଣ ଉପରେ ଗୁରୁତ୍ୱ ଦେଇ ଆସିଛି। ଯାହାଫଳରେ ୧୪୦ କୋଟି ଜନସଂଖ୍ୟା ୨୮ଟି ରାଜ୍ୟ ଓ ୮ଟି କେନ୍ଦ୍ରଶାସିତ ଅଂଚଳ ମଧ୍ୟରେ ଏକତା ସୂତ୍ରରେ ସହାବସ୍ଥାନ କରୁଛନ୍ତି। ଭାରତର ସମ୍ବିଧାନ ମଧ୍ୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ କ୍ଷମତା ବିକେନ୍ଦ୍ରୀକରଣର ମୂଳମନ୍ତ୍ର ଉପରେ ଆଧାରିତ।

ଏକ ସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁସଂପର୍କ ଓ ସୁସମନ୍ୱୟର ଆବଶ୍ୟକତା ରହିଛି। ଭାରତ ସବୁବେଳେ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳଗୁଡ଼ିକର ସ୍ୱାର୍ଥ ଓ ସୁରକ୍ଷା ପ୍ରତି ପ୍ରାଧାନ୍ୟ ଦେଇଆସିଛି। ଫଳରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ହୋଇପାରିଛି ବୋଲି ବାଚସ୍ପତି ପ୍ରକାଶ କରିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରାଜ୍ୟଗୋଷ୍ଠୀ ସଂସଦୀୟ ସଂଘ ହେଉଛି ୫୬ ଦେଶର ସହଭାଗିତାରେ ଏକ ମିଳିତ ମଂଚ। ରାଜ୍ୟଗୋଷ୍ଠୀର ସଭ୍ୟ ରାଷ୍ଟ୍ରମାନଙ୍କ ମଧ୍ୟରେ ବିଶ୍ୱ ଭ୍ରାତୃତ୍ୱର ଭାବକୁ ଆଗକୁ ବଢ଼ାଇ ନେବାରେ ଏହି ମଂଚ ସବୁବେଳେ ପ୍ରୟାସରତ।

## ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ

## ସମାରୋହରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

### ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଭାରତ ବର୍ଷରେ ନୂତନ ଜାଗରଣ ସୃଷ୍ଟି କରିଥିଲେ- ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୨।୧୦(ପି.ଏନ): ଯେତେବେଳେ ଭାରତ ବିଦେଶୀ ଶାସନ ଅଧୀନରେ ସଂଘର୍ଷ କରୁଥିଲା, ସେହି ସମୟରେ ୧୮୭୫ ମସିହାରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟ ସମାଜ, ପରାଧୀନ ଭାରତ ବର୍ଷରେ ଅଜ୍ଞତାର ଅନ୍ଧକାର ଓ ଅସମାନତା ମଧ୍ୟରେ ଆଲୋକର ସୂର୍ଯ୍ୟ ପରି ଉଦୟ ହୋଇଥିଲା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଆର୍ଯ୍ୟ ସମାଜର ୧୫୦ତମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ସ୍ଥିତ ରେଳ ଅଡିଟୋରିୟମ୍ ଠାରେ ଆୟୋଜିତ ଆର୍ଯ୍ୟ ମହା ସମ୍ମେଳନ-୨୦୨୫ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯଦି ଆମେ ଗତ ୧୫୦ ବର୍ଷକୁ ଦେଖିବା ତେବେ ଭାରତର ଜାଗରଣରେ ଆର୍ଯ୍ୟ ସମାଜର ଅବଦାନ ଅତୁଳନୀୟ। ଆର୍ଯ୍ୟ ସମାଜ କେବଳ ଏକ ଧାର୍ମିକ ସଂସ୍କାର ଆନ୍ଦୋଳନ ନୁହେଁ, ଏହା ଏକ ନୈତିକ, ଶିକ୍ଷାଗତ ଏବଂ ସାମାଜିକ ବିପ୍ଳବ।

ସେ ପୁଣି କହିଥିଲେ, ପରାଧୀନ ଭାରତ ବର୍ଷରେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଏଭଳି ଜଣେ ସନ୍ଥ ଥିଲେ ଯିଏ ଅନ୍ଧ ବିଶ୍ୱାସ, ଜାତିପ୍ରଥା ଏବଂ ସାମାଜିକ କୁସଂସ୍କାରକୁ ଚ୍ୟାଲେଞ୍ଜ କରିବାକୁ ସାହସ କରିଥିଲେ। ପରାଧୀନ ଭାରତ ବର୍ଷରେ ଶିକ୍ଷା, ମହିଳା ସଶକ୍ତିକରଣ ଏବଂ ବୈଦିକ ଶିକ୍ଷାର ପୁନରୁଦ୍ଧାର କରିଆରେ ସ୍ୱାମୀ ଦୟାନନ୍ଦଙ୍କ ନେତୃତ୍ୱରେ ଆର୍ଯ୍ୟ ସମାଜ ଏକ ନୂତନ ଜାଗରଣ ସୃଷ୍ଟି କରିଥିଲା। ସ୍ୱାମୀ ଦୟାନନ୍ଦଙ୍କ ଦିଗ୍‌ଦର୍ଶନରେ ବାଲ୍ୟ ବିବାହକୁ ବିରୋଧ, ମହିଳା ଶିକ୍ଷାକୁ ଗୁରୁତ୍ୱ, ବିଧବା ପୁନଃ ବିବାହ ପ୍ରଥା ସମ୍ପର୍କରେ ସଚେତନତା ସୃଷ୍ଟି କରି ସମାଜକୁ ଏକ ନୂଆ ବାର୍ତ୍ତା ଦେଇଥିଲା ଆର୍ଯ୍ୟ ସମାଜ।

ସେ ଆହୁରି କହିଥିଲେ, ଆଜି ଆମେ ମହିଳାଙ୍କ ବିକାଶ ପାଇଁ ମହିଳା ସଶକ୍ତିକରଣ, ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି, ତୃଣମୂଳ ସ୍ତରରେ ମହିଳାଙ୍କ ନେତୃତ୍ୱ ବିଷୟରେ ଯେଉଁ କାର୍ଯ୍ୟ କରୁଛୁ ତାହା ହେଉଛି ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କର ମାର୍ଗ ଦର୍ଶନ।

ଯୁବ ସମାଜକୁ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯୁବ ସଶକ୍ତିକରଣର ପ୍ରଥମ ଚମ୍ପିଆନ ଥିଲେ ସ୍ୱାମୀ ଦୟାନନ୍ଦ ସରସ୍ୱତୀ। ମହର୍ଷି ଦୟାନନ୍ଦଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜକୁ ଜାଗ୍ରତ କରିବା ପାଇଁ ଓ ନିଜ ଅନ୍ତର୍ନିହିତ ଶକ୍ତିରେ ବିଶ୍ୱାସ ରଖି ବିବେକକୁ ବିକଶିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏବଂ ଅତିଥିମାନେ ଏକ ସ୍ମରଣିକା ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର ଅଧ୍ୟକ୍ଷ ସ୍ୱାମୀ ବ୍ରତାନନ୍ଦ ସରସ୍ୱତୀ, ବିଶିଷ୍ଟ ସମାଜସେବୀ ଶ୍ରୀ ଜଗଦିଶ ପ୍ରସାଦ ଖାଡାଙ୍ଗା, ଆର୍ଯ୍ୟ ପ୍ରତିନିଧି ସଭା ନୂଆଦିଲ୍ଲୀର ଉପସଭାପତି ଶ୍ରୀ ଯୋଗେନ୍ଦ୍ର ଖଟ୍ଟର ପ୍ରମୁଖ ବକ୍ତବ୍ୟ ରଖିଥିଲେ।

ଉତ୍କଳ ଆର୍ଯ୍ୟ ପ୍ରତିନିଧି ସଭାର କାର୍ଯ୍ୟକାରୀ ସଭାପତି ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ।

## ଭଇଁସା ଗୋଷ୍ଠୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ପରିତ୍ୟକ୍ତ କୋଠାରୁ ତିନୋଟି କଙ୍କାଳ ଜବତ

ଭୁବନେଶ୍ୱର,୧୨।୧୦(ପି.ଏନ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଥାନା ଅନ୍ତର୍ଗତ ଭଇଁସା ଗୋଷ୍ଠୀ ସ୍ୱାସ୍ଥ୍ୟ ଉପକେନ୍ଦ୍ରର ଏକ ପରିତ୍ୟକ୍ତ କୋଠାରୁ ତିନୋଟି କଙ୍କାଳ ଜବତ ହୋଇଛି।

ଆଜି ସକାଳେ ପାଟଣାଗଡ଼ ପୋଲିସକୁ ଏ ସମ୍ପର୍କରେ ଖବର ମିଳିଥିଲା। ପୋଲିସ ଟିମ୍ ସାଇଂଟିଫିକ୍ ଟିମ୍ ସହିତ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିଲା। ଏହି ୩ଟି କଙ୍କାଳକୁ ଜବତ କରାଯିବା ପରେ ଏହାକୁ ଅଧିକ ପରୀକ୍ଷା ନିମନ୍ତେ ଏଫ.ଏମ.ଟି.କୁ ପଠାଯାଇଛି। ସାଇଂଟିଫିକ୍ ଟିମ୍ ର କହିବା ମୁତାବକ, ଏହା ନର କଙ୍କାଳ ହୋଇଥାଇନପାରେ, ଏହା କୌଣସି ଯନ୍ତୁର ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଛି। ତେବେ ରିପୋର୍ଟ ଆସିବା ପରେ ଏହା ସ୍ପଷ୍ଟ ହେବ।

## ଯାତ୍ରୀ ବିଶ୍ରାମାଗାର ପାଲଟିଛି ମଦୁଆଙ୍କ ଆଡା

ପାରଳାଖେମୁଣ୍ଡି, (ପି.ଏନ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାରେ ମଦ୍ୟପଙ୍କ ଆସର ବଢିବାରେ ଲାଗିଛି । ବିଶେଷ କରି ସଞ୍ଜ ନଇଁଲେ ମଦୁଆ ମାନେ ସାଙ୍ଗ ସାଥି ହୋଇ ଗ୍ରାମର ନିଛାଟିଆ ସ୍ଥାନରୁ ଆରମ୍ଭ କରି ମଠ ମନ୍ଦିର ବାରଣ୍ଡା, ମୁଖ୍ୟରାସ୍ତା କଡ, ଖୋଲା ପଡିଆ, ଜମି ହୁଡାରେ ଆସର ଜମାଇଥାନ୍ତି । ମଦ ପିଇବା ପାଇଁ ସ୍ଥାନ କାଳ ପାତ୍ର ଦେଖୁନାହାନ୍ତି ମଦ୍ୟପମାନେ । ଏପରିକି ପି ସାରିବା ପରେ ଖାଲି ବୋତଲ ଓ ଆଣିଥିବା ଚାଖଣା ଗୁଡିକର ଅବଶିଷ୍ଟ ଗୁଡିକୁ ଏଣେତେଣେ ପକାଇଦେଉଛନ୍ତି । ଫଳରେ ପରିବେଶ ନଷ୍ଟ ହେଉଥିବା ବେଳେ ଏହାର କୁପ୍ରଭାବ ଅନ୍ୟ ଉପରେ ପଡୁଛି । ଏମାନେ ଏତେ ମତୁଆଲା ହେଉଛନ୍ତି ଯେ କେଉଁଠାରେ ବସି ମଦ ପିଉଛନ୍ତି ତାହା ଦେଖୁନାହାନ୍ତି । ବ୍ଲକ ସଦରମହକୁମା ମୁଖ୍ୟ ଛକରେ ଠାରେ ଥିବା ଏକ ଯାତ୍ରୀବିଶ୍ରାମାଗାରକୁ ମଧ୍ୟ ଏମାନେ ଛାଡୁନାହାନ୍ତି । ସ୍ଥାନୀୟ ଲୋକେ କହିବା ପ୍ରକାରେ ଏଠାରେ ଦିବା ରାତ୍ର ମଦୁଆଙ୍କ ଆସର ଜମୁଛି । ତେଣୁ ଯାତ୍ରୀମାନେ ଏହି ବିଶ୍ରାମାଗାରରେ ବସିବାକୁ ସୁରକ୍ଷିତ ମଣୁନାହାନ୍ତି । ବିଶେଷ କରି ମହିଳା ଓ ଯୁବତୀ ମାନେ ଯାତ୍ରୀବାହୀ ଯାନବାହନକୁ ଜଗିବା ପାଇଁ ରାସ୍ତାକଡରେ ଘଣ୍ଟା ଘଣ୍ଟା ଧରି ଠିଆ ରହୁଛନ୍ତି । ହେଲେ ଏହି ବିଶ୍ରାମାଗାରକୁ ଯାଉନାହାନ୍ତି । ମଦ ପିଇ ସାରିବା ପରେ ଖାଲି ବୋତଲ ଗୁଡିକୁ ଏହି ବିଶ୍ରାମାଗାରରେ ପକାଇଦେଇ ଚାଲିଯାଉଥିବା ଏବଂ ଏହାର ସଫେଇ କେହି କରୁନଥିବାରୁ କୁଢ କୁଢ ମଦବୋତଲ ପଡି ରହିଥାଉଛି । ତେଣୁ ଏହି ଅଞ୍ଚଳରେ ପୋଲିସ ପେଟ୍ରୋଲିଂକୁ କଡାକଡି କରିବା ପାଇଁ ସାଧାରଣରେ ଦାବି ହୋଇଛି।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୫, ଅକ୍ଟୋବର ୧୩

# ସଦଗୁରୁଙ୍କୁ ପାଇ ମଧ୍ୟ ଜୀବନ ଫୁଟି ଉଠେନା କାହିଁକି ?


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସଦଗୁରୁ ହେଉଛନ୍ତି ସ୍ୱର୍ଗୀୟ ଦିବ୍ୟ ଚେତନାର ଏକ ସ୍ଥୂଳ ରୂପ । ବାସ୍ତବରେ ଭକ୍ତମାନେ ପ୍ରଥମେ ସଦଗୁରୁଙ୍କର ସ୍ଥୂଳରୂପକୁ ପୂଜା କରିଥାନ୍ତି । ହିନ୍ଦୀ ଭାଷାରେ ସାକାରର ଅର୍ଥ ହେଉଛି ଯାହାର ଏକ ନିର୍ଦ୍ଦିଷ୍ଟ ଆକାର ଅଛି ଏବଂ ସଗୁଣ ଅର୍ଥ ଦିବ୍ୟ ସ୍ୱଭାବ ସଂପନ୍ନ । ଆମ ଭିତରୁ ଅନେକଙ୍କ ଭିତରେ ଜିଜ୍ଞାସା ହୋଇଥାଏ ଯେ ସଦଗୁରୁ ଯେପରି ସଗୁଣ ସାକାର ମନ୍ଦିରରେ ପୂଜା ପାଉଥିବା ବିଗ୍ରହ ମଧ୍ୟ ସେହିପରି ସାକାର । ତେବେ ଏହି ଦୁଇଙ୍କ ମଧ୍ୟରେ ପାର୍ଥକ୍ୟ କ'ଣ ଓ ଏମାନଙ୍କ ପୂଜାରେ ଭିନ୍ନତା କ'ଣ ଅଛି ? ବିଗ୍ରହ ଏବଂ ସଦଗୁରୁଙ୍କ ମଧ୍ୟରେ ମୁଖ୍ୟ ପାର୍ଥକ୍ୟ ହେଉଛି ବିଗ୍ରହ ଗୁଡ଼ିକ ନିର୍ଜୀବ ପଦାର୍ଥ ଯଥା ପଥର, ଧାତୁ ବା ଅନ୍ୟ ପଦାର୍ଥରେ ତିଆରି ହୋଇଥିବାବେଳେ ସଦଗୁରୁ ଜୀବନ୍ତ ତଥା ଚିଦାନନ୍ଦ ଦିବ୍ୟତ୍ୱର ଅଧିକାରୀ । ସେଥିପାଇଁ ବିଗ୍ରହ ମାନଙ୍କର ପ୍ରତିଷ୍ଠା ବେଳେ ପ୍ରାଣ ପ୍ରତିଷ୍ଠା କରାଯାଏ ଏବଂ ସେ ବିଗ୍ରହରେ ପ୍ରାଣ ସଂଚାର କରିବା ପାଇଁ ପୂଜକ ପ୍ରାଣମନ୍ତ୍ର ଉଚ୍ଚାରଣ କରିଥାନ୍ତି । ସେହିପରି ଯେତେବେଳେ ମନ୍ଦିରକୁ ହଜାର ହଜାର ଭକ୍ତ ଯାଇ ସେମାନଙ୍କ ଆଧାତ୍ମିକ ଭାବନାରେ ବିଗ୍ରହ ଗୁଡ଼ିକୁ ପୂଜା କରନ୍ତି, ସେତେବେଳେ ସେ ବିଗ୍ରହରେ ଦିବ୍ୟତ୍ୱର ସଂଚାର ହୁଏ ଓ ଐଶ୍ୱରୀୟ ଶକ୍ତିର ମଧ୍ୟ ସଂଚାର ହୁଏ । ତେବେ ସଦଗୁରୁ ଏବଂ ବିଗ୍ରହଙ୍କ ମଧ୍ୟରେ ଅନ୍ୟ ଏକ ପାର୍ଥକ୍ୟ ହେଉଛି ବିଗ୍ରହଙ୍କ ଠାରୁ ଆଶୀର୍ବାଦ ପାଇବାକୁ ହେଲେ ପୂଜା ପ୍ରାର୍ଥନାର ଆବଶ୍ୟକ ହେଉଥିବାବେଳେ ବିନା ପୂଜାରେ ସଦଗୁରୁଙ୍କ ଆଶିଷ ମିଳିଥାଏ । ସେହିପରି ଈଶ୍ୱରଙ୍କୁ ଉପଲବ୍ଧି କରିଥିବା ସଦଗୁରୁ ତାଙ୍କର ଦିବ୍ୟ ଅନୁଭବ ସହ ଭକ୍ତଙ୍କୁ ସଂଯୋଜିତ କରିପାରନ୍ତି । କିନ୍ତୁ ଗୋଟିଏ ବିଗ୍ରହ ମାଧ୍ୟମରେ ଦିବ୍ୟତ୍ୱକୁ ପ୍ରାପ୍ତ ହେବା ସମ୍ଭବ ନୁହେଁ । କଥା ପ୍ରସଙ୍ଗରେ ଜଣେ ଜିଜ୍ଞାସା କଲେ – ସଦଗୁରୁଙ୍କୁ ପାଇ ମଧ୍ୟ ଅନେକଙ୍କର ଜୀବନ ସେଭଳିଆ ଫୁଟି ଉଠେ ନାହିଁ । ସେଠାରେ କ'ଣ ବୁଝିବାକୁ ହେବ, ସେ ଠିକ ମତ ଧରି ନାହିଁ? ଶ୍ରୀ ଶ୍ରୀ ଠାକୁର – ତାର ମାନେ ସେ ପାଇନାହିଁ, ସଦଗୁରୁ ତାର ପ୍ରାପ୍ତ ହୋଇ ନାହିଁ । ଆପ୍ତ ହୋଇ ନ ଉଠିଲେ ସେ ଇଷ୍ଟାର୍ଥ ପରାୟଣ ହୋଇ ଉଠେନା । ଉକ୍ତ ବ୍ୟକ୍ତି – ଅନୁରାଗ ଛାଡ଼ା ସେ କ'ଣ ଅନ୍ୟ ଭାବରେ ଆପ୍ତ ହୁଅନ୍ତି ନାହିଁ? କେହି ଯଦି ଆର୍ତ ହୁଏ ? ଶ୍ରୀ ଶ୍ରୀ ଠାକୁର – ଯେମିତି କଲେ ଆପ୍ତ ହୁଏ, ସେମିତି ନ କଲେ କି ଆପ୍ତ ହେବ ? ଆର୍ତ ହୋଇ ଆପ୍ତ ମନେ କଲେ ଦୁଇ ପଇସା ପାଇ ହିଁ ଖୁସି ହୋଇଯାଏ । ତାଙ୍କ ପାଇଁ କରିବାର ନିଶା ହୁଏ ନାହିଁ । ଅନୁରାଗ ବ୍ୟତୀତ କ'ଣ ହୁଏ ? କାହାର ଅନୁରାଗ ଯଦି ଗଜାଏ, ଆଉ ସେ ଯଦି ଜଣେ ବିରାଟ ମଣିଷ ବି ହୁଏ, ଏବଂ ତିନି ବେଳା ଯଦି ସେ ଜୋତା ବି ଖାଏ, ତଥାପି ପାଖରେ ଥିଲେ କେତେ ଲୋକ ତାଙ୍କୁ କେତେ ଲାଞ୍ଛନା, ଅପମାନ କରିଛନ୍ତି । କେତେ ସନ୍ଦେହ କରିଛନ୍ତି କିନ୍ତୁ ସେ ତାଙ୍କର ଇଷ୍ଟାର୍ଥପରାୟଣ ଉଦ୍ଦେଶ୍ୟରୁ ଏକ ଚୂଳ ବି ନଡ଼ି ନାହିଁ । ଏହାକୁ କୁହାଯାଏ ଆପ୍ତ ହେବା । ଏହାକୁ କୁହାଯାଏ ଅନୁରାଗ । (ଆ:ପ୍ର:୨୦/ ୨୨.୧୦.୧୯୫୧) । ସଦଗୁରୁଙ୍କ ସୂକ୍ଷ୍ମଶକ୍ତି ଅନେକ ଭୂମିକା ନିର୍ବାହ କରେ । କିନ୍ତୁ ସେ ସବୁକୁ ସାଧାରଣ ସ୍ଥୂଳଭାବେ ବ୍ୟାଖ୍ୟା କରିବା ସହଜ ନୁହେଁ । ସଂକ୍ଷେପରେ କେବଳ ଏତିକି କୁହାଯାଇପାରେ ଯେ, ଭକ୍ତ ଜୀବନର ବିଭିନ୍ନ ସମୟରେ, ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ପର୍ଯ୍ୟାୟରେ ସଦଗୁରୁ ତାଙ୍କ ଦିବ୍ୟଶକ୍ତିର ପ୍ରୟୋଗ କରିଥାନ୍ତି । ପରିଶେଷରେ ଗୁରୁ ହିଁ ଶିଷ୍ୟକୁ ନିଜ ପ୍ରତି ଆକର୍ଷିତ କରିଥାନ୍ତି । ଏଥିପାଇଁ ଗୁରୁ ହିଁ ଉପଯୁକ୍ତ ସମୟ ଓ ଉପଯୁକ୍ତ ପ୍ରଣାଳୀ ନିର୍ଣ୍ଣୟ କରିଥାନ୍ତି । ଗୁରୁଙ୍କର ଏହି ଶକ୍ତି, ଶିଷ୍ୟ ନିକଟରେ ଭାବନାର ତରଙ୍ଗ ଦେଇ ପହ଼ଞ୍ଚ ଯାଏ । ଏହି ତରଙ୍ଗର ସ୍ପର୍ଶରେ ଶିଷ୍ୟ ଆହ୍ଲାଦିତ ହୋଇପଡ଼େ ଏବଂ ଗୁରୁଙ୍କ ପ୍ରତି ଆକର୍ଷିତ ହୋଇଯାଏ । ଯାହାଫଳରେ ସଦଗୁରୁଙ୍କ ସାନ୍ନିଧ୍ୟ ଲାଭ ପାଇଁ ତା' ଭିତରେ ପ୍ରବଳ ଉତ୍କଣ୍ଠା ଜାଗେ । ହୃଦୟରେ ଏହି ବିଶୁଦ୍ଧ ନବପୁଳକ ଜାତ ହେଲେ, ସେ ଗୁରୁଙ୍କର ଆହୁରି ନିକଟତର ହୋଇଯାଏ । ତାପରେ ପରିସ୍ଥିତି ଏପରି ହୁଏ, ଯେତେବେଳେ ଶିଷ୍ୟ ଆପଣାଛାଏଁ ଗୁରୁଙ୍କ ନିକଟକୁ ଟାଣି ହୋଇଯାଏ । ବେଳେବେଳେ ଗୁରୁ ତାଙ୍କର ଭାବନା ତରଙ୍ଗ ମାଧ୍ୟମରେ ଶିଷ୍ୟକୁ ଏହି ଆକର୍ଷଣର ବାର୍ତା ପ୍ରେରଣ କରିଦେଇ ତା'ର ଆଗମନ ପର୍ଯ୍ୟନ୍ତ ଅପେକ୍ଷା କରିଥାନ୍ତି । ଗୁରୁ ଏବଂ ଭକ୍ତଙ୍କ ମଧ୍ୟରେ ଏହିପରି ସଂପର୍କ ସ୍ଥାପିତ ହୋଇଯିବାପରେ ଗୁରୁ ଯେଉଁଠି ଥାଆନ୍ତୁନା କାହିଁକି, ସଦାସର୍ବଦା ଶିଷ୍ୟକୁ ନିଜ ତୀକ୍ଷଣ ଦୃଷ୍ଟିରେ ରଖିଥାନ୍ତି । ଗୁରୁ ଶିଷ୍ୟର ଅତୀତ, ବର୍ତମାନ ଓ ଭବିଷ୍ୟତ ସଂପର୍କରେ ଅବହିତ ଥିବାରୁ ସେ ତାକୁ ବିଭିନ୍ନ ଭାବରେ ସାହାଯ୍ୟ କରିବାକୁ ଆରମ୍ଭ କରନ୍ତି । ସଦଗୁରୁ ଏହି ସମସ୍ତ କାର୍ଯ୍ୟ ସହ ଭକ୍ତର ଭୌତିକ ଓ ମାନସିକ ବିକାଶ ପାଇଁ ସୁଯୋଗ ସୃଷ୍ଟି କରନ୍ତି । ଯାହାଫଳରେ ଶିଷ୍ୟର ଆଧାତ୍ମିକ ଉତରଣ ସମ୍ଭବ ହୁଏ । ସେ ମଧ୍ୟ ଶିଷ୍ୟକୁ ବିପଦ ସମୟରେ ସାହାଯ୍ୟ ଓ ସୁରକ୍ଷା ପ୍ରଦାନ କରିଥାନ୍ତି ।

*ପ୍ରତିରତ୍ୱିକ ଓ ଅବସର ପ୍ରାପ୍ତ ପ୍ରଫେସର,*
*ହେପାଟୋଲୋଜି ବିଭାଗ, କଟକ*
*ବଡ଼ମେଡ଼ିକାଲ*

# ଭୂଦାନ ଯଜ୍ଞର ସନ୍ଥ : ଭାରତରତ୍ନ-ବିନୋବାବାଭେ

ଡାକ୍ତର ଦିଲ୍ଲିପ କୁମାର ମହାରଣା

ଦେବଭୂମି ଭାରତବର୍ଷରେ ଏପରି କୌଣସି ଭୂଖଣ୍ଡ ନାହିଁ ଯେଉଁଠାରେ ସିଦ୍ଧ ସନ୍ଥମାନଙ୍କର ଆବିର୍ଭାବ ନଘଟିଛି । ମହାରାଷ୍ଟ୍ର ମଧ୍ୟ ଏ ସୌଭାଗ୍ୟରୁ ବ଼ଞ୍ଚିତ ହୋଇନାହିଁ । ସନ୍ଥ ନାମଦେବ, ସନ୍ଥ ଜ୍ଞାନଦେବ, ସନ୍ଥ ଏକନାଥ, ସନ୍ଥ ତୁକାରାମଙ୍କ ପରି ମହାନ ସନ୍ଥମାନେ ଏଠାରେ ଜନ୍ମ ନେଇଛନ୍ତି । ବିନୋବାବାଭେ ଥିଲେ ସେହିପରି ଜଣେ ସନ୍ଥ ଯିଏ ୧୮୯୫ ମସିହା ସେପ୍ଟେମ୍ବର ୧୧ରେ ଜନ୍ମ ଗ୍ରହଣ କରିଥିଲେ । ମାତ୍ର ତିନି ବର୍ଷରେ ସେ ଅକ୍ଷର ଶିଖି, ଗୀତା ପାଠ ଆରମ୍ଭ କରିଦେଲେ । ଆଠ ବର୍ଷରେ ବାଲ୍ୟଶିକ୍ଷା ସାରି ସେ ଗୀତାଜ୍ଞାନେଶ୍ୱରୀ ତାଙ୍କର କଣ୍ଠସ୍ଥ ହୋଇଗଲା । ଜନ୍ମ ସ୍ଥାନ ବରୋଦାରୁ ବାଲ୍ୟଶିକ୍ଷା ସାରି ସେ ଅହମଦାବାଦ ଯାଇ ମାଟ୍ରିକ ପାସ୍ କଲେ । ଭାରତୀୟ ଶିକ୍ଷାର ମୂଳଧାର ସଂସ୍କୃତ ଅଧ୍ୟୟନ ଲକ୍ଷ୍ୟରେ କାଶୀ ଚାଲିଗଲେ । ସେଠାରେ ମୁକ୍ତି ସଂଗ୍ରାମର ମହାରଥୀ ତାନ୍ତିଆ ଟୋପେଙ୍କ ଭଗ୍ନିଙ୍କ ଗୃହରେ ରହି ବାର ବର୍ଷର ସଂସ୍କୃତ ଶିକ୍ଷାକୁ ମାତ୍ର ତିନିମାସରେ ସାରିଦେଲେ । ୧୯୪୨ ଭାରତ ଛାଡ଼ ଆନ୍ଦୋଳନରେ ସଂପୃକ୍ତି ହେତୁ ବିନୋବାଜୀ ତିନିବର୍ଷ ଜେଲ ଦଣ୍ଡ ଭୋଗିଲେ । ଜେଲରୁ ମୁକ୍ତ ହେବା ପରେ ସେ ସତ୍ୟାଗ୍ରହ, ସାରସ୍ୱତ, ସାଧନା, ସର୍ବୋଦୟ, ଗୋସୁରକ୍ଷା, ନିଶା ନିବାରଣ, ମୌଳିକ ଶିକ୍ଷା, ଗୀତାଜ୍ଞାନ ଶିକ୍ଷା ଭଳି ମହାନ କାର୍ଯ୍ୟରେ ମଜି ରହିଥିଲେ । ୧୯୪୮ ମସିହାରେ ବାପୁଙ୍କ ବିୟୋଗ ତାଙ୍କୁ ଭାରି ବାଧିଥିଲା । ମାତ୍ର ବିଚଳିତ ନହୋଇ ସମଗ୍ର ଭାରତବର୍ଷ ପଦ ଯାତ୍ରା କଲେ । ଲକ୍ଷ୍ୟ ଥିଲା ସମାଜର ଅବହେଳିତ, ଦଳିତମାନଙ୍କ ସହ ମିଶିବା ଓ ସେମାନଙ୍କୁ ବାପୁ ଆଣିଥିବା ସ୍ୱାଧୀନତାର ଉଦ୍ଦେଶ୍ୟ ବୁଝାଇବା । ନିଃସ୍ୱ କୃଷିଜୀବୀମାନଙ୍କୁ କିଛି ଚାଷ ଜମି ଯୋଗାଇ ଦେବା ଲକ୍ଷ୍ୟରେ ସେ ଭୂଦାନ ଯଜ୍ଞ ଆରମ୍ଭ କରିଥିଲେ । ସନ୍ଥ ବିନୋବା ସମଗ୍ର ଦେଶ ବୁଲି ମାତ୍ର ପା଼ଞ୍ଚ ବର୍ଷ ମଧ୍ୟରେ ୧୨ ଲକ୍ଷ ଏକର ଜମି ପାଇ ଦରିଦ୍ର ନିସ୍ୱମାନଙ୍କୁ ବାଂଟି ଦେଲେ । ୧୯୫୫ରେ ବିନୋବାଜୀଙ୍କ ପାଦ ଓଡ଼ିଶା ମାଟିରେ ମାଡ଼ିଲା । ଏଠାରେ ମଧ୍ୟ ତାଙ୍କୁ ୩ଲକ୍ଷ ଏକର ଜମି ମିଳିବା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ । ଶ୍ରୀକ୍ଷେତ୍ରରୁ ବ୍ରହ୍ମପୁର ଦେଇ ଚିର ଅବହେଳିତ ବନବାସୀ ବହୁଳ କୋରାପୁଟ ଜିଲ୍ଲାରେ ପହ଼ଞ୍ଚିଲା ଭୂଦାନଜୀଙ୍କ ପଦଯାତ୍ରା । କେବଳ ଜମି ନୁହେଁ ୨୭୦ ଖଣ୍ଡ ଗ୍ରାମବାସୀ ତାଙ୍କୁ ଗ୍ରାମ ଦାନ କରି ଇତିହାସ ରଚିଲେ । ସେ ସବୁ ଗ୍ରାମର ପ୍ରତ୍ୟେକ ଗ୍ରାମବାସୀ ପରସ୍ପର ଦୁଃଖ ସୁଖରେ ସମଭାଗି ହୋଇ ଚଳିବାକୁ ସନ୍ଥଙ୍କ ସମ୍ମୁଖରେ ସଂକଳ୍ପ କଲେ । ସଦାଶିବ ତ୍ରିପାଠୀ ନିଜ ପୈତୃକ ସଂପତିରୁ ୫୦ ଏକର ଭୂଦାନ ଯଜ୍ଞରେ ଦାନ ଦେଇ ରାଜ୍ୟ ପାଇଁ ଆଦର୍ଶ ହୋଇଗଲେ । ଦୀର୍ଘ ୪ ମାସ ଧରି କୋରାପୁଟ ଜିଲ୍ଲାର ଗାଁକୁ ଗାଁ ପରିକ୍ରମା କରିଥିଲେ ସନ୍ଥ ବିନୋବାଜୀ ଏହି ଐତିହାସିକ ଯାତ୍ରାରେ ସନ୍ଥଙ୍କ ସହ ସାମିଲ ଥିଲେ ମା'ରମାଦେବୀ, ମା'ଅନ୍ନପୂର୍ଣ୍ଣାଦେବୀ, ମାକ୍ଷ ଗାଦୋବରୀ ଦେବୀ, ମା'ଇନ୍ଦୁମତୀ ଦେବୀ, ମା'ମାଳତୀ ଦେବୀ, ସଦାଶିବ ତ୍ରିପାଠୀ, ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ବାଞ୍ଛାନିଧି ମିଶ୍ର, ମହମ୍ମଦ ବାଜୀ, ବିଚିତ୍ରାନନ୍ଦ ମହାନ୍ତି, ବିଶ୍ୱନାଥ ପଟ୍ଟନାୟକ ଓ ଆହୁରି ଅନେକ । ସର୍ବୋଦୟ ଚିନ୍ତନର ଶ୍ରେୟ ହିଁ ମିଳିଛି ଏହି ପଥିତଯଶା ମାନଙ୍କୁ । ସାମ୍ୟବାଦର ବୈପ୍ଲବିକ ଚିନ୍ତନକୁ ସନ୍ଥ ବିନୋବାଙ୍କ ଭୂଦାନ, ଗ୍ରାମଦାନ, ଗ୍ରାମସ୍ୱରାଜ୍ୟ, ସର୍ବୋଦୟ ଆଦିର ସଫଳତା ବଦଳାଇ ଦେଇଥିଲା । ଏହି ମହାନ ନୀତିନିଷ୍ଠ ସନ୍ଥଙ୍କର ୧୯୮୨ ମସିହା ନଭେମ୍ବର ୧୫ରେ ପରଲୋକ ହୋଇଯାଇଥିଲା । ୧୯୮୩ରେ ତାଙ୍କୁ ମରଣୋତର ଭାରତରତ୍ନ ସମ୍ମାନ ଅର୍ପଣ କରାଗଲା କିନ୍ତୁ ଗାନ୍ଧିଜୀଙ୍କ ରାମରାଜ୍ୟ ଗଠନ କରିବା ସ୍ୱପ୍ନ ଅଧାରେ ରହିଗଲା ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ଜିଏସ୍‌ଟି ବ୍ୟବସ୍ଥା: ତ୍ରୁଟି ସୁଧାରିଛନ୍ତି ସରକାର


ଗୋପାଳ ମହାପାତ୍ର

୨୦୧୭ ମସିହା ଜୁନମାସ ୩୦ ତାରିଖ ଏବଂ ୧ ଜୁଲାଇର ମଧ୍ୟରାତ୍ରରେ ସଂସଦ ଭବନକୁ ବିଜୁଳୀ ଆଲୁଅ ଏବଂ ଫୁଲରେ ସଜା ଯାଇଥିଲା । ଆଲୋକମାଳାରେ ସଜ୍ଜିତ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଆର୍ଥୀକ ସ୍ୱାଧିନତାର ଘୋଷଣା କରିଥିଲେ, ତାହା ପୁଣି ମଧ୍ୟ ରାତ୍ରୀରେ । ଜତୀୟ ଗଣମାଧ୍ୟମ ମାନେ ଏହାକୁ ଭାରତ ପାଇଁ ଏକ ଐତିହାସିକ କ୍ଷଣ ବୋଲି କହିଥିଲେ । ମଧ୍ୟ ରାତ୍ରୀରେ ଘୋଷଣା କରିବାର ଉଦେଶ୍ୟ ସ୍ପଷ୍ଟ ଥିଲା ଯେ ପଣ୍ଡିତ ନେହେରୁ ମଧ୍ୟରାତ୍ରୀରେ ଦେଶର ସ୍ୱାଧିନତା ଘୋଷଣା କରିଥିଲେ, ଏଣୁ କୌଣସି ପ୍ରକାରେ ନେହେରୁଙ୍କ ସମକକ୍ଷ ହେବା ପାଇଁ ନରେନ୍ଦ୍ରମୋଦୀ ଜିଏସ୍‌ଟି ବାବଦରେ ଘୋଷଣା କରିଥିଲେ ଓ ଏହାକୁ ଆର୍ଥୀକ ସ୍ୱାଧିନତା ବୋଲି କହିଥିଲେ । ଜୁଲାଇ ୧ ତାରିଖ ୨୦୧୭ ଠାରୁ ଗୁଡ୍‌ସ୍ ଏଣ୍ଡ ସର୍ଭିସେସ ଟ୍ୟାକ୍ସ ( ଜିଏସ୍‌ଟି) ଲାଗୁ ହେଲା ଏବଂ ଏଥିରେ ଭାଟ, ସେବା କର ଏବଂ ଏକସାଇଜଡ୍ୟୁଟିକୁ ମିଶାଇ ଦିଆଗଲା । କିନ୍ତୁ ଯେମିତି ବିମୁଦ୍ରାକରଣ ବିଫଳ ହେଲା ସେହିପରି ଜିଏସ୍‌ଟିରେ ଥିବା ତ୍ରୁଟି ବିଚ୍ୟୁତି ମଧ୍ୟ ଜଣାପଡିଲା । କେବଳ ବ୍ୟବସାୟୀ ନୁହନ୍ତି ସାଧାରଣ ଲୋକଙ୍କ ପାଇଁ ଏହା ମାରକ ସାବ୍ୟସ୍ତ ହେଲା । ଗତ ଅଗଷ୍ଟ ୧୫ ତାରିଖରେ ପ୍ରଧାନମନ୍ତ୍ରୀ ଦେଶକୁ ସମ୍ବୋଧିତ କଲେବେଳେ ଜିଏସ୍‌ଟିରେ ପରିବ□ନ କରାଯିବ ବୋଲି କହିଥିଲେ । ତାଙ୍କ ହିସାବରେ ଜନସାଧାରଣଙ୍କୁ ଏହା ହେଉଛି ଦୀପାବଳୀର ଉପହାର । କୁନ୍ତୁ ବୋଧହୁଏ ବିହାର ନିର୍ବାଚନ କାରଣରୁ ଦୀପାବଳୀ ପୂର୍ବରୁ ଜିଏସ୍‌ଟିର ଦରରେ ପରିବ□ନ କରାଗଲା ଓ ସେପ୍ଟେମ୍ବର୨୨ (ଚଳିତମାସ) ଠାରୁ ଏହା ଲାଗୁ ହେବ ।

ଜିଏସ୍‌ଟି ପରିଷଦ ସେପ୍ଟେମ୍ବର ୩ ତାରିଖରେ ଏହି ପରିବର୍ତନ ବାବଦରେ ମୁରୀ ଦେଇଥିଲେ । ଏବେ ୧୨ ପ୍ରତିଶତ ଏବଂ ୨୮ ପ୍ରତିଶତର ଜିଏସ୍‌ଟି ହାର (ସ୍ଲାବ) ବଦଳରେ ୫ ପ୍ରତିଶତ ଏବଂ ୧୮ ପ୍ରତିଶତ ହାର ରହିବ । କିନ୍ତୁ ସିଗାରେଟ, ମଦ, ହେଲିକାପ୍ଟର ଓ ଅନ୍ୟ କେତେକ ଜିନିଷ ଉପରେ ୪୦ ପ୍ରତିଶତ ବିଶେଷ ଟିକସ ଲାଗୁ ହେବ । କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ପ୍ରସଙ୍ଗରେ କହିଛନ୍ତି ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ପରିବ□ନ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ସାଧାରଣ ଲୋକ, କୃଷକ, ମଧ୍ୟମ ବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥା ପାଇଁ ଲାଭବାନ ହେବେ । ଜାତୀୟ ଗଣମାଧ୍ୟମ ଏହି ନୂତନ ଜିଏସ୍‌ଟି ବ୍ୟବସ୍ଥାର ପ୍ରସାର କରିବା ସହ ପୁନଃ ଚରଣ ବନ୍ଦନାରେ ଲାଗିପଡିଲେ । ଏହାକୁ ମୋଦୀଙ୍କ ମାଷ୍ଟରଷ୍ଟ୍ରୋକ ବୋଲି କୁହାଗଲା । କିନ୍ତୁ ଅସଲ କଥା କଂଗ୍ରେସର ଦୀର୍ଘଦିନର ପରାମର୍ଶ ଏପରିକି ଜିଏସ୍‌ଟି କୁ ସମାଲୋଚନା ସର୍ବୋପରି ଏହି ବ୍ୟବସ୍ଥା ଯୋଗୁଁ ସାଧାରଣ ଜନତା ପ୍ରଭାବିତ ହେବା କୀରଣରୁ ସରକାର ତାଙ୍କର ତୃଟିକୁ ସୁଧାରିଛନ୍ତି । ୨୦୧୭ରେ ଯେଉଁ ଜିଏସ୍‌ଟି ଲାଗୁ କରାଯାଇଥିଲା ସେଥିରେ ଲୋକଙ୍କ ଦୈନନ୍ଦିନର ବ୍ୟବହାର୍ଯ୍ୟ ଜିନିଷ ଠାରୁ ଆରମ୍ଭ କରି ଜୀବନ ରକ୍ଷକ ଔଷଧ ଉପରେ ଜିଏସ୍‌ଟି ଲଗାଯାଇଥିଲା । ଏବେ ସରକାର ଏହାକୁ ସାଧାରଣ ଲୋକଙ୍କ ପାଇଁ ଲାଭ ବୋଲି କହୁଛନ୍ତି । ୨୦୧୭ ପରଠାରୁ ରାହୁଲ ଗାନ୍ଧୀ ଅନେକ ବାର କହିଛନ୍ତି ଯେ ଗରୀବ, ମଧ୍ୟମବର୍ଗ ଏବଂ ଏମ୍‌ଏସ୍‌ଏମ୍‌ଇ କୁ ଧ୍ୟାନରେ ରଖି ଟିକସ ଦର ଧାର୍ଯ୍ୟ କରାଯାଉ କିନ୍ତୁ ତାଙ୍କ କଥାକୁ ସରକାର ଗୁରୁତ୍ୱ ଦେଉ ନଥିଲେ । ୨୦୧୭ରେ ଜିଏସ୍‌ଟି ଲାଗୁ ହେବା ପରେ ସାର, ବହି, ଔଷଧ, ପାଠପଢ଼ା ଖର୍ଚ୍ଚ, ଦୁଗ୍ଧ-ଦହି, ଅଟା- ଚାଉଳ ଏପରିକି ପିଲାଙ୍କ ଖାତା ଓ ପେନସିଲ, ଅକସିଜନ, ବୀମା ଏବଂ ଚିକିତ୍ସା ଖର୍ଚ୍ଚ ମହଙ୍ଗା ହୋଇ ଯାଇଥିଲା । ଦେଶରେ ପ୍ରଥମଥା ପାଇଁ କୃଷକଙ୍କ ଉପରେ ଟିକସ ଲାଗୁ କରାଯାଇଥିଲା । ସରକାର କୃଷି କ୍ଷେତ୍ରର ପାଖାପାଖି ୩୬ଟି ବସ୍ତୁ ଉପରେ ଜିଏସ୍‌ଟି ଲଗାଇଥିଲେ । କିନ୍ତୁ ୨୦୧୭ର ଭୁଲ କୁ ସୁଧାରି ଏବେ ଏହାକୁ ଉପହାର ବୋଲି କହୁଛନ୍ତି । ନୂଆ ଜିଏସ୍‌ଟି ଲାଗୁ ହେଲେ କ୍ୟାନସରର ଔଷଧ ଉପରେ ଟିକସ ଲାଗିବ ନାହିଁ । ଦୁଗ୍ଧ, ଛେନା, ପାଉଁରୁଟି ଭଳି ଲୋକଙ୍କ ଦୈନନ୍ଦିନର ଉପଯୋଗୀ ୧୭୫ଟି ବସ୍ତୁ ଶସ୍ତା ହୋଇଯିବ । ହେୟାର ଅଏଲ, ସାବୁନ, ଶାମ୍ପୁ, ଟୁଥବ୍ରସ, ରୋଷେଇ ସାମଗ୍ରୀ ଉପରେ ଏବେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ । ୩୩ଟି ଜୀବନ ରକ୍ଷକ ଔଷଧ ଉପରେ ଶୁନ୍ ରୁ ୧୨ ପ୍ରତିଶତ ଟିକସ ଲାଗିବ । ବ୍ୟକ୍ତିଗତ ସ୍ୱାସ୍ଥ୍ୟ ବୀମା ଏବଂ ଜୀବନବୀମା ଉପରେ ଏବେ ଜିଏସ୍‌ଟି ଲାଗିବ ନାହିଁ । ୨୦୧୭ ଜିଏସ୍‌ଟି ଅନୁସାରେ ବୀମା ପ୍ରିମିୟମ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁଥିଲା । କିନ୍ତୁ ଏବେ ବି ଜଣାପଡିନାହିଁ ଯେ ବୀମା କମ୍ପାନୀ ମାନେ ଉପଭୋକ୍ତାଙ୍କୁ କେମିତି ରିହାତି ଦେବେ? କାରଣ କମ୍ପାନୀମାନେ ତାଙ୍କ କ୍ଷତି ଭରଣା ବାବଦରେ ଗ୍ରାହାକଙ୍କ ଠାରୁ ହିଁ ଆଦାୟ କରିବେ । ମୁଖ୍ୟ କଥା ହେଉଛି ଥରେ ଯଦି କୌଣସି ଜିନିଷରେ ଦର ବଢ଼ିଗଲା ତେବେ ପୁଣି କମିବା ପ୍ରାୟତଃ ଅସମ୍ଭବ । ଏଣୁ ଯେଉଁମାନେ ଭାବୁଛନ୍ତି ଯେ ସରକାର ଦୀପାବଳୀର ଉପହାର ଦେଇଛନ୍ତି ସେମାନେ ଅଧିକ ଖୁସି ହେବା ଉଚିତ ନୁହେଁ । ନୂଆ ଜିଏସ୍‌ଟି ଲାଗୁ ହେବା ପରେ ହିଁ ଜଣା ପଡିବ ଜିନିଷ ଶସ୍ତା ହେଉଛି ନା ଅନ୍ୟ କୌଣସି ପ୍ରକାରରେ ଦର ବଢ଼ାଯାଉଛି । ଏମିତିରେ ଦେଖିଲେ ସ୍ପଷ୍ଟ ଯେ ଏଇ ସରକାରଙ୍କ ଟ୍ରାକ ରେକର୍ଡ ହେଉଛି ଶିଳ୍ପପତିଙ୍କୁ ଫାଇଦା ଦେବା । ଜିଏସ୍‌ଟି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ ଜିଏସ୍‌ଟି ବାବଦରେ ମିଳୁଥିବା ରାଜସ୍ୱର ଦୁଇ ତୃତୀୟାଂଶ ଗରୀବ ଏବଂ ମଧ୍ୟମ ବର୍ଗଙ୍କ ପକେଟରୁ ହିଁ ଯାଇଥାଏ । ଧନକୁବେର ମାନଙ୍କଠାରୁ ମାତ୍ର ୩ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଇଥାଏ । ଏବେ କର୍ପୋରେଟ ଟିକସ ୩୦ ପ୍ରତିଶତକୁ ହ୍ରାସ କରାଯାଇ ୨୨ ପ୍ରତିଶତ କରାଯାଇଛି । ଏକ ଦେଶ ଏକ ଟିକସ କଥା କହି ମୋଦି ସରକାର ଶୁନ୍ ପ୍ରତିଶତ, ୫ ପ୍ରତିଶତ, ୧୨ ପ୍ରତିଶତ, ୧୮ ପ୍ରତିଶତ, ୨୮ ପ୍ରତିଶତ ହାର ସହ ୦.୨୫ ପ୍ରତିଶତ, ୧.୫ ପ୍ରତିଶତ, ୩ ପ୍ରତିଶତ ଏବଂ ୬ ପ୍ରତିଶତର ବିଶେଷ ହାର ବାଲା ଏକ ଦେଶ ୯ ଟିକସପ୍ରଣାଳୀ ଲାଗୁ କରିଥିଲେ । ଜିଏସ୍‌ଟିକୁ ମୋଦୀଙ୍କର ଏକ ବଡ଼ ସଫଳତା ଭାବେ ପେଶ କରାଯାଉଥିଲା । କିନ୍ତୁ ଏଥିରେ ପରିବର୍ତନ କାରଣରୁ ସ୍ପଷ୍ଟ ଯେ ୧୪୨ କୋଟିରୁ ଅଧିକ ଜନତାକୁ ପ୍ରଭାବିତ କଲାଭଳି ଜିଏସ୍‌ଟି ବ୍ୟବସ୍ଥା ବାବଦରେ ସେତେବେଳେ କେନ୍ଦ୍ର ସରକାର ଠିକ୍ ଭାବରେ ବିଚାର ବିମର୍ଷ କରିନଥିଲେ । ୨୦୦୫ ମସିହା ଫେବୃୟାରୀ ୨୮ ତାରିଖରେ ତତ୍‌କାଳୀନ ଉପା ସରକାର ଲୋକ ସଭାରେ ଜିଏସ୍‌ଟି ବାବଦରେ ଔପଚାରିକ ଭାବେ ଘୋଷଣା କରିଥିଲେ । ୨୦୧୧ରେ ତତ୍‌କାଳୀନ କେନ୍ଦ୍ର ଅର୍ଥମନ୍ତ୍ରୀ ଜିଏସ୍‌ଟି ବିଲ୍ ଆଗତ କରିଥିଲେ କିନ୍ତୁ ସେ ସମୟରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ (ବର୍ତମାନର ପ୍ରଧାନମନ୍ତ୍ରୀ) ଜିଏସ୍‌ଟିର ଘୋର ବିରୋଧ କରିଥିଲେ । ଏବେ ଜିଏସ୍‌ଟି ନିଜର ବଡ଼ ଉପଲବ୍ଧି ବୋଲି କହୁଛନ୍ତି ।

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*

# ସି ପି ରାଧାକୃଷ୍ଣନ୍ ଭାରତର ୧୫ତମ ଉପରାଷ୍ଟ୍ରପତି


ସୌଭାଗ୍ୟ ରଂଜନ ମହାନ୍ତି(ରାଜା)

ସି ପି ରାଧାକୃଷ୍ଣନ୍ ଭାରତର ୧୫ତମ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି, ବିରୋଧୀ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀଙ୍କ ୩୦୦ ଭୋଟ୍ ବିରୁଦ୍ଧରେ ୪୫୨ ଭୋଟ୍ ପାଇଛନ୍ତି, ଯାହା ଫଳରେ ବିଜୟୀ ହୋଇଛନ୍ତି ୧୫୨ ଭୋଟ୍ । ନିର୍ବାଚନ ୯ସେପ୍ଟେମ୍ବର, ୨୦୨୫ରେ ସଂସଦ ଭବନ ପରିସରରେ ଅନୁଷ୍ଠିତ ହୋଇଥିଲା । ନିର୍ବାଚନର ପ୍ରମୁଖ ଆକର୍ଷଣ – ଏନଡିଏର ଗଡ : ଜାତୀୟ ଗଣତାନ୍ତ୍ରୀକ ମେଂଟ (ଏନଡିଏ) ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ ଗୁରୁତ୍ୱପୂର୍ଣ୍ଣ ବ୍ୟବଧାନରେ ନିର୍ବାଚନ ଜିତିଛନ୍ତି, ଯାହା ମେଂଟର ସଂସଦୀୟ ଶକ୍ତି ପ୍ରଦର୍ଶନ କରିଛି । ବିରୋଧୀଙ୍କ ପ୍ରଦର୍ଶନ : ଇଣ୍ଡିଆ ବ୍ଲକର ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡୀ କଂଗ୍ରେସ, ଡିଏମକେ, ସମାଜବାଦୀ ପାର୍ଟି ଏବଂ ବାମ ଦଳଗୁଡ଼ିକ ଭଳି ଦଳଗୁଡିକର ସମର୍ଥନରେ ୩୦୦ ଭୋଟ୍ ପାଇଛନ୍ତି । ଭୋଟଦାନ ବିବରଣୀ : ମୋଟ ୭୬୮ ଜଣ ସାଂସଦ ସେମାନଙ୍କର ଭୋଟ ଦେଇଛନ୍ତି, ୧୩ଜଣ ସାଂସଦ ଭୋଟ୍ ଦେବାରୁ ବିରତ ରହିଛନ୍ତି, ଯେଉଁଥିରେ ବିଆରଏସର ୪ଜଣ, ବିଜେଡିର ୭ଜଣ, ଶିରୋମଣି ଅକାଳି ଦଳରୁ ୧ଜଣ ଏବଂ ସ୍ୱାଧୀନ ସାଂସଦ ଅଛନ୍ତି । ସିପି ରାଧାକୃଷ୍ଣନଙ୍କ ବିଷୟରେ ପୃଷ୍ଟଭୂମି – ତାମିଲନାଡୁର ଜଣେ ପ୍ରବୀଣ ବିଜେପି ନେତା, ରାଧାକୃଷ୍ଣନ ଦୁଇଥର ଲୋକସଭା ସାଂସଦ ଭାବରେ କାର୍ଯ୍ୟ କରିଛନ୍ତି ଏବଂ ବର୍ତମାନର ମହାରାଷ୍ଟ୍ର ରାଜ୍ୟପାଳ ପଦବୀରେ ଅଛନ୍ତି । ରାଜନୈତିକ ଅଭିଜ୍ଞତା : ସେ ତାମିଲନାଡୁରେ ବିଜେପିର ରାଜ୍ୟ ସମ୍ପାଦକ ତାମିଲନାଡୁ ବିଜେପିର ସଭାପତି ଏବଂ ଝାଡଖଣ୍ଡ ଏବଂ ମହାରାଷ୍ଟ୍ରର ରାଜ୍ୟପାଳ ସମେତ ବିଭିନ୍ନ ଭୂମିକା ଗ୍ରହଣ କରିଛନ୍ତି । ସମର୍ଥନ – ରାଧାକୃଷ୍ଣନଙ୍କୁ ବିଜେପି, ଟିଡ଼ିପି, ଜେଡିୟୁ, ଶିବସେନା ଏବଂ ଅନ୍ୟାନ୍ୟ ପ୍ରମୁଖ ଦଳଗୁଡିକ ଏବଂ ଣଝଜଉଚ ଠାରୁ ସମର୍ଥନ ମିଳିଥିଲା । ସିପି ରାଧାକୃଷ୍ଣନଙ୍କ ବିଜୟରେ ବିଶ୍ୱାସ ପ୍ରକାଶ କରିଥିବା ବିଜେପି ନେତା ଭାଗବତ କରାଡ ଏବଂ ଉଜ୍ଜ୍ୱଳ ନିକମଙ୍କ ଅନୁଯାୟୀ, ଉପରାଷ୍ଟ୍ରପତି ନିର୍ବାଚନରେ ବିପୁ, କ୍ରସ୍-ଭୋଟିଂ ଅସମ୍ଭବ ମନେହୁଏ । ସେମାନେ କ୍ରସ୍-ଭୋଟିଂର ଭୟକୁ ଖାରଜ କରି ବିରୋଧୀ ଦଳ ଉପରେ ମିଥ୍ୟା ପ୍ରଚାର, ପ୍ରସାର କରିବାର ଅଭିଯୋଗ ଆଣିଥିଲେ । ଏନଡିଏ ପ୍ରାର୍ଥୀ ରାଧାକୃଷ୍ଣନଙ୍କୁ ଇଣ୍ଡିଆ ବ୍ଲକ ପ୍ରାର୍ଥୀ ବି ସୁଦର୍ଶନ ରେଡ୍ଡିଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦିତା କରାଯାଉଛି । ନିର୍ବାଚନ ବିବରଣୀ – ମୋଟ ଭୋଟ ଉଭୟ ଗୃହରେ ୬ଟି ଖାଲି ଥିବାବେଳେ ୭୮୧ ଜଣ ସାଂସଦ ଭୋଟ ଦେବାକୁ ଯୋଗ୍ୟ । ବହୁମତ ଚିହ୍ନ – ଜିତିବା ପାଇଁ ୩୯୧ ଭୋଟ ଆବଶ୍ୟକ । ଏନଡିଏ ଶକ୍ତି – ଆନୁମାନିକ ୪୨୨ ଭୋଟ, ଆବଶ୍ୟକ ବହୁମତ ଠାରୁ ୩୧ ଅଧିକ । ଭାରତୀୟ ବ୍ଲକ ଶକ୍ତି ୩୧୨ ଭୋଟ । କ୍ରସ ଭୋଟିଂ ପ୍ରଭାବ – ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ପଦକ୍ଷେପ – କ୍ରସ ଭୋଟିଂରେ ଲିପ୍ତ ସାଂସଦଙ୍କ ବିରୁଦ୍ଧରେ ଦଳଗୁଡିକ ଆଭ୍ୟନ୍ତରୀଣ ଶୃଙ୍ଖଳାଗତ ପଦକ୍ଷେପ ନେଇପାରନ୍ତି, ଯେପରିକି ବହିଷ୍କାର, ଭବିଷ୍ୟତର ଟିକେଟ୍ ପ୍ରତ୍ୟାଖ୍ୟାନ କିମ୍ବା ଦଳୀୟ ପଦବୀରୁ ବହିଷ୍କାର । ଅତୀତର ଉଦାହରଣ : ୨୦୧୭,୨୦୧୨ ଏବଂ ୨୦୦୭ ସମେତ ବିଗତ ଉପରାଷ୍ଟ୍ରପତି ନିର୍ବାଚନରେ କ୍ରସ-ଭୋଟିଂ ହୋଇଛି । ଭୋଟଦାନ ପ୍ରକ୍ରିୟା-ଗୁପ୍ତ ମତଦାନ- ସାଂସଦମାନେ ଏକ ଗୁପ୍ତ ବାଲଟ୍ ପ୍ରଣାଳୀ ମାଧ୍ୟମରେ ଭୋଟ ଦିଅନ୍ତି, ଯାହା ସେମାନଙ୍କୁ ଦଳୀୟ ଚାପ ବିନା ସେମାନଙ୍କର ପସନ୍ଦ ବ୍ୟବହାର କରିବାକୁ ଅନୁମତି ଦିଏ । ନୋହିଲେ ହ୍ୱିପ୍, ଅଧିକାଂଶ ସଂସଦୀୟ ଭୋଟ ପରି, ରାଜନୈତିକ ଦଳଗୁଡିକ ଉପରାଷ୍ଟ୍ରପତି ନିର୍ବାଚନରେ ହ୍ୱିପ୍ ଜାରି କରିପାରିବେ ନାହିଁ, ଯାହା ସାଂସଦମାନଙ୍କୁ ସେମାନଙ୍କ ବିବେକ ଅନୁଯାୟୀ ଭୋଟ୍ ଦେବାକୁ ମୁକ୍ତ କରିଥାଏ । ସିପି ରାଧାକୃଷ୍ଣନ ଭାରତର ନୂତନ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ, ଜାତୀୟ ଗଣତାନ୍ତ୍ରୀକ ମେଂଟ (ଘଡଇ) ପ୍ରାର୍ଥୀ ଏବଂ ବର୍ତମାନର ମହାରାଷ୍ଟ୍ର ରାଜ୍ୟପାଳ ସିପି ରାଧାକୃଷ୍ଣନ ଭାରତର ୧୫ତମ ଉପରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇଛନ୍ତି । ରାଧାକୃଷ୍ଣନ ୪୫୨ ଭୋଟ ପାଇଁ ବିରୋଧୀ ଭାରତ ମେଂଟ ପ୍ରାର୍ଥୀ ଜଷ୍ଟିସ ବି ସୁଦର୍ଶନ ରେଡ୍ଡୀଙ୍କୁ ପରାସ୍ତ କରିଛନ୍ତି । ନିର୍ବାଚନର ପ୍ରମୁଖ ମୁଖ୍ୟ ପ୍ରସଙ୍ଗ- ଏନଡିଏର ଗଡ ଉପରାଷ୍ଟ୍ରପତି ନିର୍ବାଚନର ଏନଡିଏର ବିଜୟ ଏହାର ପ୍ରଭାବଶାଳୀ ସଂସଦୀୟ ନିୟନ୍ତ୍ରଣକୁ ପୁନଃନିର୍ଦ୍ଦିଷ୍ଟ କରେ, ରାଧାକ୍ରିଷ୍ଣନଙ୍କ ନାମାଙ୍କନ ଦଳ ମଧ୍ୟରେ ଅପାର ଉତ୍ସାହ ସୃଷ୍ଟି କରିଛି । ବିରୋଧୀଙ୍କ ଚ୍ୟାଲେଞ୍ଜ, ଜଷ୍ଟିସ ରେଡ୍ଡିଙ୍କ ପଛରେ ଇଣ୍ଡିଆ ବ୍ଲକ ମିଳିତ ମୋର୍ଚ୍ଚା ସତ୍ତ୍ୱେ, ଏନଡିଏର ସଂଖ୍ୟାଗତ ଶକ୍ତି ନିର୍ବାଚନରେ ନିର୍ଣ୍ଣାୟକ ପ୍ରମାଣିତ ହୋଇଛି । ନିର୍ବାଚନୀ ପ୍ରକ୍ରିୟା - ଏକକ ସ୍ଥାନାନ୍ତରଣୀୟ ଭୋଟ ବ୍ୟବସ୍ଥା ଅଧୀନରେ ଏକ ଗୁପ୍ତ ମତଦାନ ମାଧ୍ୟମରେ ସଂସଦର ଉଭୟ ଗୃହର ସଦସ୍ୟମାନଙ୍କ ଦ୍ୱାରା ଉପରାଷ୍ଟ୍ରପତିଙ୍କୁ ମନୋନୀତ କରାଯାଏ । ନୂତନ ଉପରାଷ୍ଟ୍ରପତି ବିଷୟରେ- ସିପି ରାଧାକ୍ରିଷ୍ଣନ – ପୃଷ୍ଠଭୂମି : ରାଧାକ୍ରିଷ୍ଣନ ଭାରତୀୟ ଜନତା ପାର୍ଟି (ବିଜେପିର) ଜଣେ ଅଭିଜ୍ଞ ନେତା ଏବଂ କୋଏମ୍ବାଟୁରରୁ ଦୁଇଥର ଲୋକସଭା ସାଂସଦ ଭାବରେ କାର୍ଯ୍ୟ କରିଛନ୍ତି । ବର୍ତମାନ ଭୂମିକା-ସେ ବର୍ତମାନ ମହାରାଷ୍ଟ୍ରର ରାଜ୍ୟପାଳ ଏବଂ ଦକ୍ଷିଣ ଭାରତରେ, ବିଶେଷକରି ତାମିଲନାଡୁରେ ଦଳର ମୂଳଦୁଆ ସ୍ଥାପନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଖ୍ୟାତି- ରାଧାକୃଷ୍ଣନ ଦଳ ପ୍ରତି ତାଙ୍କର ବିଶ୍ୱସ୍ତତା ଏବଂ ତାଙ୍କର ଦୀର୍ଘ ପ୍ରଶାସନିକ ଅଭିଜ୍ଞତା ପାଇଁ ଜଣାଶୁଣା, ଯାହା ଏନଡିଏ ବିଶ୍ୱାସ କରେ ଯେ ତାଙ୍କର ଜ୍ଞାନ ଏବଂ ଅନ୍ତର୍ଦୃଷ୍ଟି ସହିତ ସହିତ ଉପରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟକୁ ସମୃଦ୍ଧ କରିବ । ଶାସକ ଦଳ ପକ୍ଷରୁ ପ୍ରତିକ୍ରିୟା – ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଭିନନ୍ଦନ : ଯଦିଓ ସୂତ୍ରଗୁଡିକରେ ସିଧାସଳଖ ଉଲ୍ଲେଖ କରାଯାଇନାହିଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଧାକୃଷ୍ଣନଙ୍କୁ ତାଙ୍କ ବିଜୟ ପାଇଁ ଅଭିନନ୍ଦନ ଜଣାଇବେ ବୋଲି ସମ୍ଭାବନା ଅଛି, କାରଣ ଦଳର ତାଙ୍କ ପ୍ରତି ଦୃଢ ସମର୍ଥନ ରହିଛି । ଦଳର ଆତ୍ମବିଶ୍ୱାସ : ରାଧାକୃଷ୍ଣନଙ୍କ ଜଣେ ଉତ୍କୃଷ୍ଟ ଉପରାଷ୍ଟ୍ରପତି ହେବାର କ୍ଷମତା ଉପରେ ଏନଡିଏର ବିଶ୍ୱାସ ସେମାନଙ୍କର ନାମାଙ୍କନ ଏବଂ ପ୍ରଚାରରୁ ସ୍ପଷ୍ଟ । ନିର୍ବାଚନର ପ୍ରଭାବ – ସଂସଦୀୟ ଗତିଶୀଳତା – ରାଜ୍ୟସଭା ପରିଚାଳନା ଏବଂ ବିତର୍କକୁ ସନ୍ତୁଳିତ କରିବାରେ ଉପରାଷ୍ଟ୍ରପତି ଭୂମିକା ଆଗାମୀ ମାସଗୁଡିକରେ ଗୁରୁତ୍ୱପୂର୍ଣ୍ଣ ହେବ, ବିଶେଷକରି ଦେଶର ସଂସଦ ସଂସ୍କାର, ଅର୍ଥନୈତିକ ନୀତି ଏବଂ ବୈଦେଶିକ ବ୍ୟାପାର ଉପରେ ଉଷ୍ମ ଆଲୋଚନାର ଏକ ପର୍ଯ୍ୟାୟରେ ପ୍ରବେଶ କରିବା ସହିତ । ଶକ୍ତି ପରୀକ୍ଷା : ଏହି ନିର୍ବାଚନ ଶାସକ ଘଡଇ ଏବଂ ବିରୋଧୀ ଭାରତ ବ୍ଲକ ମଧ୍ୟରେ ଶକ୍ତି ପରୀକ୍ଷା ଭାବରେ କାର୍ଯ୍ୟ କରେ ଯାହାର ଫଳାଫଳ, ସେମାନଙ୍କ ସଂସଦକୁ ପ୍ରତିଫଳିତ କରେ ।

*ସମ୍ମାନ ଭବନ,*
*ପ୍ଲଟ ନଂ-୫୮/୩୫୮୧,*
*ଗାଙ୍ଗୋତ୍ରୀ ନଗର,*
*ରୋଡ ନଂ-୩, ଶିଶୁପାଳଗଡ*

# ସଙ୍କଟରେ ପ୍ରକୃତି


ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)

ପ୍ରଜାପତି ହେଉ ବା ଅନ୍ୟ କୀଟପତଙ୍ଗ ହୁଅନ୍ତୁ, ସେମାନଙ୍କର ସୁନ୍ଦର ଦୁନିଆ ଏବେ ସଙ୍କୁଚିତ ହେବାରେ ଲାଗିଛି । ଏହା କେବଳ ପ୍ରକୃତିର ସୌନ୍ଦର୍ଯ୍ୟ ପାଇଁ ନୁହେଁ, ମନୁଷ୍ୟର ଅସ୍ତିତ୍ୱ ପାଇଁ ମଧ୍ୟ ବିପଦର ସଙ୍କେତ । କୀଟପତଙ୍ଗ କେବଳ ଜୈବ ବିବିଧତାର ଅଂଶ ନୁହନ୍ତି । ସେମାନଙ୍କର ସଂଖ୍ୟା ବହୁଳତା ମନୁଷ୍ୟର ଅସ୍ତିତ୍ୱ ପାଇଁ ଖୁବ୍ ଜରୁରୀ । ମନୁଷ୍ୟର ଖାଦ୍ୟ ଉତ୍ପାଦନ ପାଇଁ ସେମାନେ ସାରା ଦିନ ଖୁବ୍ ପରିଶ୍ରମ କରନ୍ତି । ଫୁଲଟିଏ ଫଳ ପାଲଟିବା ପାଇଁ ଆବଶ୍ୟକ ପରାଗ ସଙ୍ଗମ ସଂପନ୍ନ ହୁଏ ସେମାନଙ୍କ ଦ୍ୱାରା । ଅନେକ ହୁଏତ ଜାଣିନଥିବେ କୀଟପତଙ୍ଗ ଦ୍ୱାରା ହେଉଥିବା ପ୍ରାକୃତିକ ପରାଗ ସଙ୍ଗମ ଯୋଗୁଁ ମନୁଷ୍ୟ ଜାତିକୁ ପ୍ରାୟ ୨୨୫ରୁ ୨୩୦ ନିୟୁତ ଡଲାର ପ୍ରକୃତିଦତ ଖାଦ୍ୟ ଉପହାର ମିଳେ । ପରାଗ ସଙ୍ଗମରେ ସବୁଠାରୁ ସକ୍ରିୟ ଯୋଗଦାନ ଥିବା କୀଟପତଙ୍ଗ ମଧ୍ୟରେ ମହୁମାଛିର ସ୍ଥାନ ସବୁଠାରୁ ଆଗରେ । ଏହାପରେ ରହିଛି ପ୍ରଜାପତି ଏବଂ ଅନ୍ୟ କୀଟପତଙ୍ଗଙ୍କ ସ୍ଥାନ । ସବୁଠାରୁ ଚିନ୍ତାର ବିଷୟ ସାରା ବିଶ୍ୱରେ ବିଶେଷକରି ଆମେରିକା ଓ ୟୁରୋପରେ ମହୁମାଛିଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ସେମାନଙ୍କ ସଂଖ୍ୟା କମ୍ ହେବା ପ୍ରାକୃତିକ ମହୁ ଉତ୍ପାଦନକୁ ହ୍ରାସ କରିଛି । ଏଥିସହ ଫଳ ଓ ପନିପରିବା ଉତ୍ପାଦନ ମଧ୍ୟ କମ୍ କରିଛି । ବୈଜ୍ଞାନିକମାନେ ମଧ୍ୟ ମହୁମାଛିଙ୍କ ସଂଖ୍ୟା ଏତେ ଦ୍ରୁତ ଗତିରେ କାହିଁକି ହ୍ରାସ ପାଉଛି ତା'ର ରହସ୍ୟଭେଦ କରିପାରୁନାହାନ୍ତି । ତେବେ କୀଟନାଶକର ଅତ୍ୟଧିକ ବ୍ୟବହାର, ଗ୍ଲୋବାଲ ୱାର୍ମିଂ, ତେଜଷ୍କ୍ରିୟ ବିକିରଣ ଏବଂ ପରିବେଶ ପ୍ରଦୂଷଣ ମହୁମାଛିମାନଙ୍କ ସଂଖ୍ୟା ହ୍ରାସର ମୁଖ୍ୟ କାରଣ ମଧ୍ୟରୁ ଅନ୍ୟତମ ବୋଲି ପ୍ରକୃତିବିଦ୍ ମାନେ ମତ ଦିଅନ୍ତି । ଏହି ସଙ୍କଟକୁ ବର୍ତମାନ ପର୍ଯ୍ୟନ୍ତ କୃଷିବିଦ୍‌ମାନେ ଗମ୍ଭୀରତାର ସହ ନେଇ ନାହାନ୍ତି । କାରଣ ଶସ୍ୟଜାତୀୟ ଫସଲର ଉତ୍ପାଦନ ନିମନ୍ତେ ବାହ୍ୟକାରକ ଆବଶ୍ୟକତା ନଥାଏ । ମାତ୍ର ଅନେକ ଫଳ ଓ ପନିପରିବା ପରାଗ ସଙ୍ଗମ କୀଟପତଙ୍ଗ ସହଯୋଗ ବିନା ସଂପୂର୍ଣ୍ଣ ହୋଇପାରେ ନାହିଁ ।

କୀଟପତଙ୍ଗ ସଂଖ୍ୟା ହ୍ରାସ କଖାରୁ, ପାଣିକଖାରୁ, ଲାଉ, ଭେଣ୍ଡି, ଲଙ୍କା, କାକୁଡ଼ି ଆଦି ପନିପରିବା, କମଳା, ପେସ୍ତାବାଦାମ ଆଦି ଫଳର ଉତ୍ପାଦନ ଉଲ୍ଲେଖନୀୟ ଭାବରେ ହ୍ରାସ କରିଛି । ଚୀନ ପରେ ଭାରତ ବିଶ୍ୱର ସବୁଠାରୁ ବଡ଼ ପନିପରିବା ଉତ୍ପାଦକ ଦେଶ । ଏଠି ପ୍ରତିବର୍ଷ ପ୍ରାୟ ୭୫ ଲକ୍ଷ ଟନ୍ ପନିପରିବା ଉତ୍ପାଦନ ହୁଏ । ଏହା ସାରା ବିଶ୍ୱର ପନିପରିବା ଉତ୍ପାଦନର ପ୍ରାୟ ୧୪ ପ୍ରତିଶତ । ପରିବା ବିନା ଭୋଜନ ବିଷୟରେ ଭାରତୀୟମାନେ ଚିନ୍ତା କରିପାରନ୍ତି ନାହିଁ । ଏ ସମ୍ପର୍କରେ ବିଶ୍ୱ ବିଖ୍ୟାତ ପତ୍ରିକା ଲାନସେଟର ତଥ୍ୟ ମୁତାବକ ଆମ ଜିଡ଼ିପିରେ କୃଷିର ଯୋଗଦାନ ୨୦ ପ୍ରତିଶତ । ପନିପରିବା ଓ ଫଳ ଉତ୍ପାଦନ କମ୍ ହେଲେ ଏହାର ପ୍ରଭାବ ସମାଧାନ କେବଳ ଇକୋ ଫ୍ରେଣ୍ଡଲି ଫାର୍ମିଂ ବୋଲି ଗବେଷଣାରୁ ଜଣାପଡ଼ିଛି । କୃଷିରେ ଜୈବିକ ଉର୍ବରକ ବ୍ୟବହରାର କରିବା ଏବଂ ସେମାନଙ୍କ ପ୍ରାକୃତିକ ବାସସ୍ଥାନଗୁଡ଼ିକୁ ନଷ୍ଟ ନକରିବା ଦ୍ୱାରା ସେମାନଙ୍କ ସଂଖ୍ୟା ପୁଣି ଥରେ ବୃଦ୍ଧି କରାଯାଇପାରିବ । ଜାତିସଂଘର ଖାଦ୍ୟ ଏବଂ କୃଷି ସଂଗଠନର ରିପୋର୍ଟ ଅନୁଯାୟୀ ବିଶ୍ୱର ୧୫୦ଟି ଦେଶରେ ଖାଦ୍ୟଶସ୍ୟର ଶହେଟି ମୁଖ୍ୟ ପ୍ରଜାତି ବିଶ୍ୱର ୯୦ ପ୍ରତିଶତ ଜନସଂଖ୍ୟାର ଖାଦ୍ୟ ଆବଶ୍ୟକତା ପୂରଣ କରେ । ଏଗୁଡ଼ିକ ମଧ୍ୟରୁ ୭୧ଟି ପ୍ରଜାତି ଫସଲର ପରାଗ ସଙ୍ଗମ ମହୁମାଛି ଦ୍ୱାରା ହୋଇଥାଏ । ଏହି ସମସ୍ୟାକୁ ଗୁରୁତ୍ୱର ସହ ବିଚାର କରି ଏଫ୍‌ଏଓ ଭାରତ ସମେତ ୭ଟି ଦେଶର କୀଟପତଙ୍ଗ ସଂଖ୍ୟା ହ୍ରାସକୁ ରୋକିବା ଏବଂ ପରାଗ ସଙ୍ଗମ ପରିଚାଳନାକୁ ଦୃଢ଼ କରିବା ନିମନ୍ତେ ଏକ ପ୍ରୋଜେକ୍ଟ ଆରମ୍ଭ କରିଛନ୍ତି । କୀଟପତଙ୍ଗଙ୍କ ସଂଖ୍ୟା ହ୍ରାସ ସମସ୍ୟା ବିଶ୍ୱ ପାଇଁ ଖାଦ୍ୟାଭାବ ସୃଷ୍ଟି କରିବ ବୋଲି ଏଫ୍‌ଏଓ ଚେତାବନୀ ଦେଇଛି । ଭାତ ହାଣ୍ଡିରୁ ଗୋଟିଏ ପରି ପ୍ରଜାପତିର ଉଦାହରଣଟିଏ ଏଠାରେ ରଖୁଛୁ । ଫୁଲରୁ ଫୁଲକୁ ଉଡି ପ୍ରଜାପତି ମହୁ ଶୋଷିନିଏ । ସୂକ୍ଷ୍ମ ତଥା ଚିତ୍ରିତ ଡେଣାଧାରୀ ସବୁ ପ୍ରଜାପତିଙ୍କ ଜୀବନରେ ରହିଛି ଗୋଟଏ ରୂପାନ୍ତରଣ କାହାଣୀ । ମାଟି ଓ ଗଛବୃକ୍ଷରେ ଘୁଷୁରି ଘୁଷୁରି ଚାଲି ମନରେ ଭୟ ସଂଚାର କରୁଥିବା ସଁବାଳୁଆ ହେଉଛି ପ୍ରଜାପତିର ପୂର୍ବ ରୂପ । ପ୍ରଜାପତିମାନେ ଯେତିକି ଆକର୍ଷଣୀୟ ପ୍ରକୃତି ସଂରକ୍ଷଣ ଦୃଷ୍ଟିରୁ ସେତିକି ଗୁରୁତ୍ୱପୂର୍ଣ୍ଣ ମଧ୍ୟ । ଶାରୀରିକ ସୌନ୍ଦର୍ଯ୍ୟ ବ୍ୟତୀତ ପ୍ରଜାପତି ପରିସଂସ୍ଥାନର ଏକ ଅପରିହାର୍ଯ୍ୟ ଅଂଶ ।

ପରାଗ ସଙ୍ଗମକାରୀ ରୂପେ ପ୍ରଜାପତିମାନେ ଉଦ୍ଭିଦ ପ୍ରଜନନ ଏବଂ ଗୁଣସୂତ୍ର ବିବିଧତା ବଜାୟ ରଖନ୍ତି । ଲାର୍ଭା ଅବସ୍ଥାରେ ଥିବାବେଳେ ପ୍ରଜାପତି ଉଦ୍ଭିଦ ଭକ୍ଷଣ କରିବା ଯୋଗୁଁ ସେସବୁ ନିୟନ୍ତ୍ରିତ ହୋଇ ରହେ । ଲାର୍ଭା ବଡ଼ ହୋଇ ସଁବାଳୁଆ ହେଲେ ଚଢ଼େଇ, ବୁଢ଼ିଆଣୀ ଓ ଅନ୍ୟାନ୍ୟ ଶିକାରୀ ଜୀବଙ୍କ ଆହାର ହୁଏ । ପ୍ରଜାପତିଙ୍କ ଆବସସ୍ଥଳୀ ଓ ଜଳବାୟୁ ଆବଶ୍ୟକତା ବେଶ ନିର୍ଦ୍ଦିଷ୍ଟ । ପ୍ରାକୃତିକ ପରିବେଶରେ ସାମାନ୍ୟ ବ୍ୟତିକ୍ରମ ଘଟିଲେ ପ୍ରଜାପତିମାନେ ବିଶେଷ ପ୍ରଭାବିତ ହୁଅନ୍ତି । ଏହି ସମ୍ବେଦନଶୀଳତା ଯୋଗୁଁ ପ୍ରଜାପତିମାନେ ପରିସଂସ୍ଥାନ ଓ ଜଳବାୟୁ ପରିବର୍ତନ ପ୍ରଭାବର ଏକ ଗୁରୁତ୍ୱପୂର୍ଣ୍ଣ ସୂଚକ ଭାବେ କାର୍ଯ୍ୟ କରନ୍ତି । ଭାରତର ମୁଖ୍ୟ ଭୂଖଣ୍ଡରେ ପ୍ରାୟ ୧୫୦୦ ଜାତିର ପ୍ରଜାପତି ଅଛନ୍ତି । ଏମାନଙ୍କ ମଧ୍ୟରୁ ୬୭% ଭାରତୀୟ ହିମାଳୟ ଅ଼ଞ୍ଚଳରେ ଦେଖାଯାଆନ୍ତି । ପ୍ରଜାପତି ମାନଙ୍କର ଏପରି ବିବିଧତା ପ୍ରତ୍ୟକ୍ଷ ଭାବେ ହିମାଳୟ ଅ଼ଞ୍ଚଳର ସ୍ଥାନଭିତିକ ବିବିଧତା ସହ ସଂପୃକ୍ତ, ଯାହା ସମୁଦ୍ର ପତନଠାରୁ ବିଭିନ୍ନ ଉଚ୍ଚତାରେ ଅସଂଖ୍ୟ ଆବାସସ୍ଥଳୀ ସୃଷ୍ଟି କରିଥାଏ । ସ୍ଥାନୀୟ ପ୍ରକୃତି ସହିତ ଖାପ ଖାଇଲା ଭଳି ପ୍ରଜାପତିର ରଙ୍ଗ ଓ ଡେଣାରେ ଚିତ୍ର ହୋଇଥାଏ । ଡାର୍କ କ୍ଲାଉଡେଡ଼ ୱେଲୋ ଭଳି ପ୍ରଜାପତି ଅଧିକ ସୂର୍ଯ୍ୟକିରଣ ଶୋଷଣ କରିପାରେ । ଏଥିସହ ଏ ପ୍ରଜାପତି ପୋଲାରାଇଜଡ଼ ଆଲୋକ ବ୍ୟବହାର କରି ମେଘୁଆ ପାଗରେ ମଧ୍ୟ ବାଟ ଜାଣିପାରନ୍ତି ଏବଂ ଅଧିକ ମହୁଥିବା ଫୁଲ ଗୁଡ଼ିକୁ ଚିହ୍ନଟ କରିପାରନ୍ତି । ଫଳରେ ସବୁ ସମୟରେ ପରାଗସଙ୍ଗମ ସମ୍ଭବ ହୁଏ । ଶିକାରୀ କବଳରୁ ରକ୍ଷା ପାଇବା ପାଇଁ କମନ ୱିଣ୍ଡମିଲ ଜାତିର ପ୍ରଜାପତିମାନେ ଲାର୍ଭା ଅବସ୍ଥାରେ ଆଶ୍ରୟ ନେଇଥିବା ଗଛରୁ ବିଷାକ୍ତ ରସାୟନ ସଂଶ୍ଳେଷଣ କରି ନିଜ ଦେହରେ ସାଇତି ରଖିଥାଆନ୍ତି । ଫଳରେ ଲାର୍ଭା ଓ ପରେ ସଁବାଳୁଆ ଶିକାରୀ ଜୀବଙ୍କ ଖାଦ୍ୟ ଅନୁପଯୁକ୍ତ ହୋଇଯାଏ । ଜଳବାୟୁ ପରିବର୍ତନ ବହୁ ଜାତିଙ୍କ ଅସ୍ତିତ୍ୱକୁ ସଂକଟରେ ପକାଇଛି । ବିଶେଷକରି, ସଂକୀର୍ଣ୍ଣ ପରିସଂସ୍ଥାନୀୟ କ୍ଷେତ୍ର କିମ୍ବା ଏକ ନିର୍ଦ୍ଦିଷ୍ଟ ଆଶ୍ରୟଦାୟୀ ବୃକ୍ଷ ବା ଜଳବାୟୁ ଆବଶ୍ୟକ କରୁଥିବା ପ୍ରଜାପତିର ଜୀବନ ଧାରଣ ଆଜି ବିପଦ ପ୍ରବଣ । ତାପମାତ୍ରା ବୃଦ୍ଧି ପ୍ରଜାପତି ଜୀବନ ଚକ୍ରକୁ ଅଧିକ ଘାତକ କରିଦେଲାଣି । ଉତାପ ବୃଦ୍ଧି କାରଣରୁ କେତେକ ପ୍ରଜାପତିଙ୍କ ଆଶ୍ରୟ ପ୍ରଦାନକାରୀ ଗଛ ସବୁର ବିସ୍ତାରରେ ପରିବର୍ତନ ଘଟୁଛି ଏବଂ ସେଗୁଡ଼ିକ ଉଚ୍ଚତର ସ୍ଥାନରେ ଦୃଶ୍ୟମାନ ହେଉଛନ୍ତି । ଅନ୍ୟାନ୍ୟ ମାନବୀୟ କାର୍ଯ୍ୟକଳାପ ସକାଶେ ମଧ୍ୟ ପ୍ରଜାପତିଙ୍କର ପ୍ରାକୃତିକ ଆବାସସ୍ଥଳୀ ଅବକ୍ଷୟ ହେଉଛି । କୃଷି ଓ ଭିତିଭୂମି ସଂପ୍ରସାରଣ ସେମାନଙ୍କର ବାସ ସ୍ଥାନ ଖଣ୍ଡବିଖଣ୍ଡନ କାର୍ଯ୍ୟ ତ୍ୱରାନ୍ୱିତ କରୁଛି । ପ୍ରକୃତି ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଏହି ସୁକୁମାର ତଥା ସୁନ୍ଦର ପତଙ୍ଗ ଆଜି ପ୍ରକୃତିରେ ତିଷ୍ଠି ରହିବାକୁ ସଂଗ୍ରାମ କରୁଛି । ପ୍ରକୃତିର ଅମୂଲ୍ୟ ଦାନ ପ୍ରଜାପତିମାନେ ନିରବରେ ଉଭେଇ ଯାଉଥିବା କଥା ଆଜି ଲୋକଲୋଚନକୁ ଆସିପାରୁ ନାହିଁ ।

ସର୍ବେକ୍ଷଣରୁ ଜଣାପଡ଼ିଛି ବ୍ରିଟେନ୍, ଆମେରିକା ପରି କିଛି ବିକଶିତ ରାଷ୍ଟ୍ରରେ ୨୦୨୨ ଓ ୨୦୨୩ ମସିହାରେ ମହୁମାଛିଙ୍କ ସଂଖ୍ୟା ୩୦ ପ୍ରତିଶତ ହ୍ରାସ ପାଇଛି । ଇଟାଲୀରେ ଏମାନଙ୍କ ସଂଖ୍ୟା ୪୦ରୁ ୫୦ ପ୍ରତିଶତ ହ୍ରାସ ପାଇଛି । ଭାରତରେ ମଧ୍ୟ ସେମାନଙ୍କ ସଂଖ୍ୟା ଦ୍ରୁତଗତିରେ ହ୍ରାସ ପାଇବାରେ ଲାଗିଛି । ଭାରତରେ ସବୁଜ ବିପ୍ଳବର ସ୍ୱପ୍ନକୁ ସାକାର କରିବା ପାଇଁ ରାସାୟନିକ ସାର ଓ କୀଟନାଶକର ବହୁଳ ବ୍ୟବହାର ହେଉଛି । ସାର ଯୋଗୁଁ ମାଟିର ମାନ ହ୍ରାସ ପାଉଛି । କୀଟନାଶକ ହିତକାରୀ କୀଟପତଙ୍ଗ ପାଇଁ ବିପଦ ସୃଷ୍ଟି କରୁଛି । ଏହା ବ୍ୟତୀତ ପ୍ରଦୂଷଣ ଓ ଗ୍ଲୋବାଲ ୱାର୍ମିଂ ମଧ୍ୟ କୀଟପତଙ୍ଗ ସଂଖ୍ୟା ହ୍ରାସ କରୁଛି । ହିମାଳୟ ଅ଼ଞ୍ଚଳ ମଧ୍ୟ ଗ୍ଲୋବାଲ ୱାର୍ମିଂ ସମସ୍ୟାକୁ ମୁକ୍ତ ନୁହେଁ । ଏହି ଅ଼ଞ୍ଚଳରେ ଜଳ ବିଦ୍ୟୁତ୍ ପରିଯୋଜନା ପାଇଁ ନିର୍ମାଣ ହୋଇଥିବା ଯୋଗୁଁ ତାପମାତ୍ରା ବଢୁଛି । ଏହି ତାପ ବୃଦ୍ଧିକୁ ସ୍ଥାନୀୟ କୀଟପତଙ୍ଗ ସହ୍ୟ କରିପାରୁ ନାହାନ୍ତି । ଏବେ କେବଳ ପରିବେଶବିତ୍ ନୁହନ୍ତି, କୃଷି ବିଜ୍ଞାନୀମାନେ ମଧ୍ୟ ଏହି ସମସ୍ୟାକୁ ବୁଝିବାରେ ଲାଗିଲେଣି । ଏବେ ସାଧାରଣ ଲୋକେ ଏହାକୁ ବୁଝିବାର ସମୟ ଆସିଯାଇଛି ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ରାୟଗଡା ଏସଡିସିରେ ୪ କୋଟି ଟଙ୍କା ଦୁର୍ନୀତି ! ଦୁଇ ଅଧିକାରୀଙ୍କ ବିରୋଧରେ ତଦନ୍ତ ଦାବି




ରାୟଗଡା: ଜିଲ୍ଲା ରାୟଗଡାର ସ୍ୱତନ୍ତ୍ର ଉନ୍ନୟନ ପରିଷଦ (SDC) ମଧ୍ୟରେ ୪ କୋଟି ଟଙ୍କାର ଦୁର୍ନୀତି ଘଟିଥିବା ଅଭିଯୋଗ ଫାଶ ହୋଇଛି ! ଆଦିବାସୀ ଅଞ୍ଚଳର ଉନ୍ନୟନ ନାମରେ ମିଥ୍ୟା ବିଲ୍ ଓ ଯାନ୍ତ୍ରିକ ସାମଗ୍ରୀ କିଣା ନାମରେ ବିପୁଳ ଅର୍ଥ ହଡପ ହୋଇଛି ବୋଲି ଚମକପୂର୍ଣ୍ଣ ଅଭିଯୋଗ ଆସିଛି। ଅଭିଯୋଗର କେନ୍ଦ୍ରବିନ୍ଦୁରେ ପୂର୍ବତନ ଜିଲ୍ଲାପାଳ ପାରୁଲ ପଟାବାରି ଓ ITDA ପ୍ରଶାସକ ଚନ୍ଦ୍ରକାନ୍ତ ମାଝୀ !ଏହି ଦୁଇ ଅଧିକାରୀଙ୍କୁ ଦୁର୍ନୀତି ରେ ଲିପ୍ତ ଥିବା ଅଭିଯୋଗ କରି ବିଜେଡି ତରଫରୁ ତୀବ୍ର ଆକ୍ରମଣ ହୋଇଛି ।ବିଜେଡି ଜିଲ୍ଲା ସଭାପତି ଜଗନ୍ନାଥ ସାରକା, ରାଜ୍ୟ ସାଧାରଣ ସମ୍ପାଦକ ଓ ପୂର୍ବତନ SDC ଉପଦେଷ୍ଟା ପ୍ରଦୀପ ମାଝୀ, ପୂର୍ବତନ SDC ଅଧକ୍ଷା ଅନୁସୟା ମାଝୀ ଏବଂ ଜିଲ୍ଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝୀ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଚମକପୂର୍ଣ୍ଣ ତଥ୍ୟ ରଖିଥିଲେ।"SDC ଭଙ୍ଗ ହେବା ପରେ ଏହା ଅଫିସରଙ୍କ ଅର୍ଥ ଲୁଟର ମାଧ୍ୟମ ପାଲଟିଛି" — ବିଜେଡି ଅଭିଯୋଗ ୨୦୨୪ ସେପ୍ଟେମ୍ବର ମାସରେ SDC ଭଙ୍ଗ ହେବା ପରେ ଅଧିକାରୀମାନଙ୍କ ମନମୁତାବକ ଅର୍ଥ ଅପବ୍ୟୟ ଆରମ୍ଭ ହୋଇଥିବା ଦାବି। ୨୦୨୫ ଫେବୃୟାରୀରେ ୩୦୦ ଟି ଖେଳ ଓ ସଂଗୀତ ସାମଗ୍ରୀ କିଣାଗଲା — କିନ୍ତୁ କୌଣସି ଟେଣ୍ଡର ନ ହୋଇ ସିଧାସଳଖ OCF (OCCF) ପାଖରୁ ୫ କୋଟି ୩୯ ଲକ୍ଷ ଟଙ୍କାରେ ଚଢ଼ା ଦରରେ କିଣାଗଲା।

ଚଢ଼ା ଦରରେ କିଣା — ବିଶାଳ ହଡପ ଅଭିଯୋଗ:

ବିଜେଡି ଦାବି କରିଛି, ୨ କୋଟି ୪୦ ଲକ୍ଷ ୯୬ ହଜାର ଟଙ୍କା ବ୍ୟୟରେ ଯେଉଁ କ୍ରୀଡା ସାମଗ୍ରୀ କିଣାଗଲା, ତାହାର ବଜାର ମୂଲ୍ୟ କେବଳ ୬୩ ଲକ୍ଷ ଥିଲା।

ସଂଗୀତ ସାମଗ୍ରୀ ପାଇଁ ୨ କୋଟି ୯୯ ଲକ୍ଷ ଟଙ୍କା ବ୍ୟୟ, କିନ୍ତୁ ବଜାର ମୂଲ୍ୟ କେବଳ ୮୫ ଲକ୍ଷ।

ସେହିପରି ମୋଟ ୩ କୋଟି ୯୧ ଲକ୍ଷ ଟଙ୍କା ସିଧାସଳଖ ହଡପ ହୋଇଛି ବୋଲି ବିଜେଡି ଚମକପୂର୍ଣ୍ଣ ଅଭିଯୋଗ କରିଛି।

"ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିର୍ବିକାର" — ବିଜେଡିର ପ୍ରଶ୍ନ

ଆଦିବାସୀ ହୋଇ ମଧ୍ୟ ଏହି ଦୁର୍ନୀତି ଉପରେ ସରକାରୀ ମୌନତା ପ୍ରଶ୍ନ ତୁଳିଛି ବିଜେଡି।

"ଆଦିବାସୀଙ୍କ ନାମରେ ଚାଲିଛି ଅର୍ଥ ଲୁଟ, ଏହା ଅନ୍ୟାୟ ଓ ଲଜ୍ଜାଜନକ", ଦାବି କଲେ ପ୍ରଦୀପ ମାଝୀ।

ବିଜେଡିର ଦାବି,ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ଆରମ୍ଭ କରାଯାଉ ।

ଦୁର୍ନୀତିରେ ଜଡିତ ଅଧିକାରୀଙ୍କୁ ବରଖାସ୍ତ ଓ ଆଇନଗତ କାର୍ଯ୍ୟାନୁଷ୍ଠାନ' ଆଦିବାସୀ ଅଞ୍ଚଳର ଅର୍ଥ ଲୁଟ ଉପରେ ସ୍ପଷ୍ଟୀକରଣ ଦିଅନ୍ତୁ ମୁଖ୍ୟମନ୍ତ୍ରୀ ମାଝୀ।ଏସଡିସି ଦୁର୍ନୀତି ଉପରେ ରାୟଗଡା ଜନତାର ରୋଷ !

"ଯେଉଁ ଟଙ୍କା ଆଦିବାସୀଙ୍କ ଅଧିକାର, ସେହି ଟଙ୍କା ଅଧିକାରୀଙ୍କ ଜେବରେ — ଏହା ଅନ୍ୟାୟର ସର୍ବୋଚ୍ଚ ଦୃଶ୍ୟ !"

# ୩୦ ତମ ଜାତୀୟ ସବ-ଜୁନିଅର ଟେନିସ ବଲ କ୍ରିକେଟ ଚମ୍ପିୟାନସିପ ପାଇଁ ଓଡିଶା ଦଳର ରାଜସ୍ଥାନ ଗସ୍ତ



ଭୁବନେଶ୍ୱର,(ପି.ଏନ): ୩୦ ତମ ସବ-ଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚମ୍ପିୟାନସିପ ପାଇଁ ଆସନ୍ତା ଅକ୍ଟୋବର ୧୪ ତାରିଖରୁ ୧୭ ତାରିଖ ୨୦୨୫ ପର୍ଯ୍ୟନ୍ତ ରାଜସ୍ଥାନ ର ଦୋଉସା ଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ୩୦ ତମ ସବ-ଜୁନିଅର ଜାତୀୟ ଟେନିସ ବଲ କ୍ରିକେଟ ଚମ୍ପିୟାନସିପ ରେ ଓଡିଶା ସବ-ଜୁନିଅର ଟେନିସ ବଲ କ୍ରିକେଟ ଦଳ ରାଜସ୍ଥାନ ଅଭିମୁଖେ ଯାତ୍ରା କରିଛନ୍ତି , ଏହି ଖେଳାଳି ମାନେ ଟି ଅମନ କୁମାର , ରିତେଶ ବାଛା , ଅରୋସିସ ବେହେରା , ରୁଦ୍ର ଚନ୍ଦନ ଦାଶ , ଦିବାକର ପାତ୍ର , ଏସ କେ ଇମ୍ରାନ , ଯଥାର୍ଥ ମଲିକ , ପ୍ରତୀକ୍ଷା ପ୍ରଭୁକୃପା ପରିଡା , ଅରମାନ ମହାପାତ୍ର , ସଚ୍ଚିଦାନନ୍ଦ ମାଳି , ରାହୁଲ ସାହାଣୀ , ସୁଜିତ ବେହେରା , ସାଇ ଶ୍ରବଣ କୁମାର ଧଳ , ମହମ୍ମଦ ସାହିଲ ଖାଁ , ସୁନୀଲ କୁମାର ମହାରଣା ( କୋଚ୍ ) ଏବଂ ଟି ଦିଲେଶ୍ୱର ରାଓ ( ମ୍ୟାନେଜେର ) ଚଳିତ ଚମ୍ପିୟାନସିପ ରେ ଭାଗ ନେବା ପାଇଁ ଯାତ୍ରା କରିଛନ୍ତି । ସମସ୍ତ ଓଡିଶା ସବ-ଜୁନିଅର ଦଳକୁ ଓଡିଶା ଟେନିସ ବଲ କ୍ରିକେଟ ସଙ୍ଗର ଅଧକ୍ଷ୍ୟ ସୁରଜ ମିଶ୍ର, ସମ୍ପାଦକ ଶିଥିଳ ପଣ୍ଡା,ସହ ସମ୍ପାଦକ ସୋମନାଥ ପରିଡା, ମୁଖ୍ୟ କୋଚ୍ ଚକ୍ରଧର ମାଝୀ ଓ ରଞ୍ଜନ କୁମାର ନାୟକ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

# ସୁସ୍ଥ ହୋଇ ଫେରିଲେ ଶ୍ରମିକ ନେତା : ସମସ୍ତଙ୍କ ଆଶୀର୍ବାଦରୁ ମୁଁ ସୁସ୍ଥ ଅଛି - ପ୍ରକାଶ ତ୍ରିପାଠୀ, ପାରାଦୀପରେ ଉତ୍ସବିତ ସମ୍ବର୍ଦ୍ଧନା



ପାରାଦୀପ,(ପି.ଏନ): ପାରାଦୀପ ପୋର୍ଟ ମଜଦୁର ସଙ୍ଘ ଓ ପୂର୍ବ ଉପକୂଳ ଶ୍ରମିକ ସଙ୍ଘର ସଭାପତି ତଥା ଶ୍ରମିକ ମାନଙ୍କ ଆଶା ଓ ଭରଷାର ପ୍ରତୀକ ଚର୍ଚ୍ଚିତ ଶ୍ରମିକ ନେତା ଦୀର୍ଘ ୪୯ ଦିନ ପରେ ସୁସ୍ଥ ହୋଇ ପୁଣି ନିଜର କର୍ମକ୍ଷେତ୍ର ପାରାଦୀପ ଫେରିଛନ୍ତି । ସୂଚନାଥାଉକି ଗତ ଗଣେଶ ପୂଜାରେ ତାରିଣୀଗଡା ଠାରେ ଆୟୋଜିତ ଏକ ଉତ୍ସବରେ ଯୋଗ ଦେବାକୁ ଯାଇ ସେଠାରେ ଦୁର୍ଘଟଣା ବଶତଃ ମଞ୍ଚ ଉପରୁ ପଡି ଗୁରୁତର ହୋଇ କଟକ ସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଥିଲେ । ତେବେ ସେ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଶନିବାର ଦିନ ପାରାଦୀପ ରେ ପହଞ୍ଚି ପ୍ରଥମେ ବଣିକ ସଙ୍ଘ ଦୁର୍ଗା ମଣ୍ଡପରେ ମା ଙ୍କ ଦର୍ଶନ କରି ୟୁନିୟନ କାର୍ଯ୍ୟାଳୟରେ ପହଞ୍ଚି ଥିଲେ କ୍ଷ ସେଠାରେ ଅପେକ୍ଷାରତ ୟୁନିଅନ ର କାର୍ଯ୍ୟକାରୀ ସଭାପତି ଅଭିମନ୍ୟୁ ବେହେରା ଓ ସମସ୍ତ କର୍ମକର୍ତ୍ତା ଙ୍କ ସମେତ ଶତାଧିକ ଶ୍ରମିକ ଶ୍ରୀ ତ୍ରିପାଠୀ ଙ୍କୁ ଭାବାବେଗ ସମ୍ବର୍ଦ୍ଧନା କରିଥିଲେ କ୍ଷ ସେହିପରି ପ୍ରକାଶ ଙ୍କୁ ଭଲପାଉଥିବା ପାରାଦୀପର ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱାଗତ ଅଭିନନ୍ଦନ କରାଯିବା ସହ ଫୁଲ ତୋଡ଼ା ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଶ୍ରୀ ତ୍ରିପାଠୀ କହିଥିଲେ ଯେ ଆଗକୁ ଶ୍ରମିକ ମାନଙ୍କ ଅନେକ ଗୁଡିଏ କାର୍ଯ୍ୟ ବାକି ରହିଛି ଏବଂ ସେମାନଙ୍କ ବିଶ୍ୱାସ ଓ ପ୍ରାର୍ଥନା ମୋ ପାଇଁ ଆଶୀର୍ବାଦ ପାଲଟିଛି । ସୂଚନାଥାଉକି ପୂର୍ବରୁ କିଛି ବହିରାଗତ ଛଦ୍ମବେଶି ଆତ୍ମଘୋଷିତ ଶ୍ରମିକ ନେତା ନିଜ ସ୍ୱାର୍ଥ ଚରିତାର୍ଥ ପାଇଁ କମ୍ପାନୀ ମାନଙ୍କ ସହ ମିଶି ଶ୍ରମିକ ଶୋଷଣ ଓ ନିର୍ଯ୍ୟାତନା ଦେଇଆସୁଥିଲେ କ୍ଷ ତେବେ ଅଞ୍ଚଳର ପୁଅ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀଙ୍କ ଆବିର୍ଭାବ ପରେ ଶ୍ରମିକ ମାନଙ୍କର ଦୀର୍ଘ ଦିନର ଆଶା ଓ ସ୍ୱାର୍ଥ ଧିରେ ଧିରେ ପୂରଣ ହେଉଥିବାର ଦେଖିବାକୁ ମିଳୁଛି ଏବଂ ଛଦ୍ମବେଶି ନେତାଙ୍କ ଦୋକାନ ବନ୍ଦ ହେବାରେ ଲାଗିଛି ।

# ପ୍ରଜ୍ଞାନ ମିଶନ ପକ୍ଷରୁ ୭ମ ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ



ପାରାଦ୍ୱୀପ,(ପି.ଏନ): ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ୭ମ ରାଜ୍ୟ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅକ୍ଟୋବର ୧୨ ତାରିଖ ରବିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଯୋଗ ଦେଇଥିଲେ ପ୍ରଜ୍ଞାନ ମିଶନର ରାଜ୍ୟ ସଂଯୋଜକ ଅନିର୍ବାଣ ନନ୍ଦ । ମୁଖ୍ୟ ଅତିଥି ଭାବରେ ପାରାଦ୍ୱୀପ ବନ୍ଦର ଟ୍ରଷ୍ଟି ତଥା ଭାରତୀୟ ବନ୍ଦର ମଜଦୂର ସଂଘ ରାଷ୍ଟ୍ରୀୟ ସଭାପତି ଶ୍ରୀକାନ୍ତ ରାୟ ଏବଂ ସମ୍ମାନିତ ଅତିଥି ଭାବରେ ମାନ୍ୟବର ଶିଳ୍ପ ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ, ପାରାଦ୍ୱୀପ ନଗର ବିଜେପି ସଭାପତି ତଥା ପାରିଷଦ ସୁବ୍ରତ କୁମାର ପ୍ରଧାନ ,୧୨ ନମ୍ବର ୱାର୍ଡ ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ଯୋଗ ଗୁରୁ ତାପସ ପତି ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସାମ୍ବାଦିକ ପ୍ରଶାନ୍ତ କୁମାର ରାଉତ। ପାରାଦ୍ୱୀପ ପୌରପାଳିକା ଅନ୍ତର୍ଗତ ୨୨ ଟି ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବିଜେତା ଛାତ୍ରଛାତ୍ରୀ ମାନଙ୍କୁ ଅତିଥିମାନେ ପ୍ରମାଣପତ୍ର ସହିତ ପୁରସ୍କୃତ କରିଥିଲେ। ନିମନ୍ତ୍ରିତ ଅତିଥିମାନେ ଗୀତାର ମୂଲ୍ୟବୋଧ ସମ୍ପର୍କରେ ସୂଚନା ଦେବା ସହିତ ମଣିଷର ନୈଦିନ ଜୀବନରେ ଗୀତାର ଆବଶ୍ୟକତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସ୍କୁଲ କଲେଜ ଛାତ୍ରଛାତ୍ରୀ ମାନଙ୍କ ଜୀବନରେ ଗୀତା ପାଠର ଆବଶ୍ୟକତା ଓ ପ୍ରଜ୍ଞାନ ମିଶନର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ପ୍ରଜ୍ଞାନ ମିଶନର ଜଗତସିଂହପୁର ଜିଲ୍ଲା ସଂଯୋଜକ ସତ୍ୟ ବିଶ୍ୱାଳ। ଏହି କାର୍ଯ୍ୟକ୍ରମକୁ ଜଗନ୍ନାଥ ଶତପଥୀ, ମମତା କର ଓ ଦାଶରଥି ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ।

# ଭୁବନେଶ୍ୱରରେ ଏକ୍ସଟ୍ରା ଇଂଟେଲିଜେନ୍ସ ପକ୍ଷରୁ ଏକ୍ସଟ୍ରାମାର୍କସ



ଭୁବନେଶ୍ୱର,(ପି.ଏନ): ଭାରତର ଅନ୍ୟତମ ଅଗ୍ରଣୀ ଏଡ୍-ଟେକ୍ କମ୍ପାନୀ, ଏକ୍ସଟ୍ରାମାର୍କସ ଏଜୁକେଶନ ପକ୍ଷରୁ ଆଜି ଭୁବନେଶ୍ୱରରେ ଏକ୍ସଟ୍ରା ଇଂଟେଲିଜେନ୍ସର ଶୁଭାରମ୍ଭ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକମାନଙ୍କୁ ସଶକ୍ତ କରିବା, ଛାତ୍ରଛାତ୍ରୀଙ୍କୁ ନିୟୋଜିତ କରିବା ଏବଂ ଶ୍ରେଣୀଗୃହକୁ ବୁଦ୍ଧିମାନ, ସହଯୋଗୀ ଶିକ୍ଷଣୀୟ ପରିବେଶରେ ପରିଣତ କରିବା ପାଇଁ ଡିଜାଇନ କରାଯାଇଛି। ଏକ୍ସଟ୍ରା ଇଂଟେଲିଜେନ୍ସ ସହିତ ଏକ୍ସଟ୍ରାମାର୍କସ ହେଉଛି ପାଠ ଯୋଜନା ଓ ଶ୍ରେଣୀଗୃହ ଶିକ୍ଷାଦାନଠାରୁ ଆରମ୍ଭ କରି ମୂଲ୍ୟାଙ୍କନ ଓ ସ୍କୁଲ ପରବର୍ତ୍ତୀ ଶିକ୍ଷା ପର୍ଯ୍ୟନ୍ତ ସ୍କୁଲ ଇକୋସିଷ୍ଟମରେ ସାର୍ଥକ ଭାବେ ଏଆଇକୁ ସମନ୍ୱିତ କରିଥିବା ପ୍ରଥମ ଶିକ୍ଷା କମ୍ପାନୀ ଅଟେ। ଏହି ଅବସରରେ ଏକ୍ସଟ୍ରାମାର୍କସର ସେଲ୍ସ ବିଭାଗର ଅଧ୍ୟକ୍ଷ, ମାନବ ମେହେତା କହିଛନ୍ତିଯେ, 'ଏକ୍ସଟ୍ରା ଇଂଟେଲିଜେନ୍ସ ସହିତ ଆମେ କେବଳ ଆଉ ଏକ ଏଆଇ ଟୁଲର ଶୁଭାରମ୍ଭ କରିନାହୁଁ ବରଂ ଆମେ ଶ୍ରେଣୀଗୃହ ଅନୁଭୂତିକୁ ପୁନଃପରିକଳ୍ପନା କରିଛୁ। ଏହି ଉଦ୍ଭାବନ ଏଆଇର ଶକ୍ତିକୁ ସିଧାସଳଖ ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କୁ ହସ୍ତା'ର କରୁଛି, ଯାହା ବ୍ୟାପକ ସ୍ତରରେ ବ୍ୟକ୍ତିଗତ, ନିୟୋଜିତ ଓ ସୁରକ୍ଷିତ ଶିକ୍ଷାକୁ ସକ୍ଷମ କରୁଛି। ଆମେ ଏହାକୁ ଭୁବନେଶ୍ୱରର ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଆଣି ଖୁବ୍ ଆନନ୍ଦିତ ଏବଂ ଆମେ ନିଶ୍ଚିତ ଯେ, ଏହା ଶ୍ରେଣୀଗୃହ ଅନୁଭୂତିକୁ ରୂପାନ୍ତର କରିବାରେ ସାହାଯ୍ୟ କରିବ।'ଏହି ଅବସରରେ 'ଏମ୍ପାୱାରିଂ ଏଜୁକେଟର୍ସ ୱିଥ ଏଆଇ: ପାର୍ଟନରିଂ ଫର ଇନୋଭେଟିକ ଟିଚିଙ୍ଗ ଆଣ୍ଡ ଲର୍ଣ୍ଣିଙ୍ଗ' ପ୍ରସଙ୍ଗ ଉପରେ ଏକ ଉଚ୍ଚସ୍ତରୀୟ ପ୍ୟାନେଲ ଆଲୋଚନା କରାଯାଇଥିଲା ଯେଉଁଥିରେ ଅନୁଗୁଳର ନାଲ୍କୋ ନଗରସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ପ୍ରବୀଣ କୁମାର ଶର୍ମା, ଭଦ୍ରକ ଓ ଯାଜପୁରର ଏସବିଡି ଇଂଟରନ୍ୟାଶନାଲ ସ୍କୁଲର ଅଧକ୍ଷ ଦେବାଶୀଷ ଦିକ୍ଷିତ, ପାରାଦୀପ ରିଫାଇନାରୀ, ଆଇଓସିଏଲ, ଦିଲ୍ଲୀ ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ଜଙ୍ଘେଶ୍ୱର ବୋର. ସେଂଟ ଜାଭିୟର୍ସ ଏଜୁକେଶନାଲ ଟ୍ରଷ୍ଟର ନିର୍ଦ୍ଦେଶକ ସମ୍ୟକ ମହାନ୍ତି ଏବଂ ଏକ୍ସଟ୍ରାମାର୍କସ ଏଜୁକେଶନର ସେଲ୍ସ ବିଭାଗର ଅଧକ୍ଷ ମାନବ ମେହେତା ପ୍ରମୁଖ ପ୍ରସଙ୍ଗ ସମ୍ପର୍କରେ ବ୍ୟାଖ୍ୟା କରିଥିଲେ।

# ବ୍ରାଉନସୁଗାର୍ ବ୍ୟବସାୟୀ ମାନଙ୍କ ପାଇଁ କାଳ ସାଜିଛି ଜଗତସିଂହପୁର ଅବକାରୀ ବିଭାଗ: ୧୦୩ ଗ୍ରାମ୍ ହିରୋଇନ୍ ସହିତ ଏକ ମୋଟରସାଇକେଲ ଜବତ



ଜଗତସିଂହପୁର,(ପି ଏନ) : ଜଗତସିଂହପୁର ଆଜି ଅବକାରୀ କମିଶନର ଓ ଜିଲ୍ଲାପାଳ ଜେ. ସୋନାଲଙ୍କ ନିର୍ଦ୍ଦେଶରେ ଜଗତସିଂହପୁର ଜିଲ୍ଲା ଅବକାରୀ ଅଧୀକ୍ଷୀକା ଅନିତା ପ୍ରଧାନଙ୍କ ନେତୃତ୍ୱରେ ତୀବ୍ର ଅଭିଯାନ ସଫଳ ହୋଇଛି। ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ କାଦୁଅପଡା ସ୍ଥିତ ବିଷ୍ଣୁପ୍ରିୟା ମଣ୍ଡପ ସାମ୍ନାରୁ ୧୦୩ ଗ୍ରାମ୍ ହିରୋଇନ୍ ଜବତ କରିଛି ଜିଲ୍ଲା ଅବକାରୀ ଭ୍ରାମ୍ୟମାଣ ସଂସ୍ଥା, ଯାହାର କଳାବଜାରୀ ମୂଲ୍ୟ ପ୍ରାୟ ୧୦୩୦୦୦୦ ଟଙ୍କା। ଏହି ଅଭିଯାନରେ ସନ୍ତୋଷ କୁମାର ଗୁରୁଅ ଟୁବୁରା ନାମକ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏହାସହିତ ଅଭିଯୁକ୍ତଙ୍କ ୨ ଗୋଟି ମୋବାଇଲ ଫୋନ ଓ ହିରୋଇନ୍ ବ୍ୟବସାୟରେ ବ୍ୟବହୃତ ଦୁଇ-ଚକିଆ ଯାନ ଜବତ କରିଛି ଅବକାରୀ ବିଭାଗ ।ଜିଲ୍ଲା ଅବକାରୀ ବିଭାଗ ନର୍କ ?ଟିକ୍ସ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚାଲାଇବାକୁ ସଂକଳ୍ପବଦ୍ଧ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ

EDITOR : Dr. Pabitra Mohan Samantaray